# ରାସ୍ତା ପ୍ରଶସ୍ତୀକରଣ ଆଳରେ ଗଛକଟାକୁ ବିରୋଧ


ବନ ବିଭାଗ ଜବତ କରିଥିବା ମେଶିନ।

**ରସୁଲପୁର/ବ୍ରହ୍ମବରଦା, ୨୩।୪(ରଞ୍ଜିତ ରାଉତ/ଯଯାତି କେଶରୀ ବେହେରା):**

■ କଟାଗଛ, ମେଶିନ ଜବତ
■ ବନ ବିଭାଗ ଓ ପୋଲିସର ତଦନ୍ତ ଜାରି

ରସୁଲପୁର ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତର ଖଣ୍ଡାସ ଛକଠାରୁ ଖାଲପଡ଼ା ପଞ୍ଚାୟତ ମଠଗଡ଼ା ପର୍ଯ୍ୟନ୍ତ ନଦୀବନ୍ଧର ପ୍ରଶସ୍ତୀକରଣ କାର୍ଯ୍ୟ ଜାରି ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି କାର୍ଯ୍ୟ ତଦାରଖ କରାଯାଉଛି। ତେବେ ରାସ୍ତା ପ୍ରଶସ୍ତୀକରଣ ଆଳରେ ବନ୍ଧର ଉଭୟ ପାର୍ଶ୍ୱରେ ଥିବା ବଡ଼ବଡ଼ ଗଛକୁ ମେଶିନ ସହାୟତାରେ କାଟି ଦିଆଯାଉଛି। ଉକ୍ତ ବେଆଇନ ଗଛକଟାକୁ ନେଇ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ମଣ୍ଟୁ ଦାସ ଓ ଗ୍ରାମବାସୀ ବିରୋଧ କରିବା ସହ ଡାଳିଯୋଡ଼ା ବନ ବିଭାଗ ଏବଂ ବ୍ରହ୍ମବରଦା ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ବନ ବିଭାଗ ଅଧିକାରୀ ପହଞ୍ଚି ଗଛକଟାରେ ବ୍ୟବହୃତ ମେଶିନ ଓ କଟାଯାଇଥିବା ଗଛଗୁଡ଼ିକୁ ଜବତ କରିଛନ୍ତି। ବେଆଇନ ଗଛକଟାରେ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କୁ ପଚରାଉଚରା କରାଯିବା ସହ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରିରହିଛି ବୋଲି ସୂଚନା ମିଳିଛି। ସେହିପରି ବ୍ରହ୍ମବରଦା ଥାନା ଅଧିକାରୀ ଦେବାଶିଷ ଶତପଥୀ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ପଥିକମାନଙ୍କୁ ବନ୍ଧକଡ଼ର ଗଛଗୁଡିକ ଛାଇ ପ୍ରଦାନ କରୁଥିଲା। ଏସବୁ ଗଛଗୁଡ଼ିକୁ କାଟିବା ପାଇଁ ବିଭାଗ ପକ୍ଷରୁ ଅନୁମତି ଅଣାଯାଇ ନ ଥିବା ଜଣାଯାଇଛି।

## ସଂକ୍ଷେପରେ

### ସୁକିନ୍ଦା ପ୍ରେସ୍ କ୍ଲବ ପୂର୍ବତନ ସଭାପତିଙ୍କ ପରଲୋକ

**କାଳିଆପାଣି, ୨୩।୪(ଅସିତ ମହାନ୍ତ):** ସୁକିନ୍ଦା ପ୍ରେସ୍କ୍ଲବର ପୂର୍ବତନ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଭାଗିରଥି ଭଞ୍ଜଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି। ସେ ଦୀର୍ଘ ଦିନ ଧରି ପାର୍କିନସନ ରୋଗରେ ଆକ୍ରାନ୍ତ ହୋଇ ଅନୁଗୋଳରେ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ସକାଳେ ତାଙ୍କ ମରଶରୀର ସ୍ଥାନୀୟ ରଂଶୋଳ ପଞ୍ଚାୟତ କଲରଙ୍ଗୀସ୍ଥିତ ବାସଭବନରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଖବର ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ଭଗବତୀ ମହାନ୍ତ, ବିଦ୍ୟାଧର ପାତ୍ର, ବିଜେଡି ସୁକିନ୍ଦା ବ୍ଲକ ସଭାପତି ବିବେକାନନ୍ଦ ଘୋଷ, ସୁକିନ୍ଦା ପ୍ରେସ କ୍ଲବ ସଭାପତି ବିଶ୍ୱଜିତ ନାୟକ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସାମଲ, ସାଧାରଣ ସମ୍ପାଦକ ନୀଳମାଧବ ନାୟକ, ଉପସଭାପତି ବିମଳେନ୍ଦୁ ବେହୁରା, ସଂଗଠନ ସମ୍ପାଦକ ସତ୍ୟଜିତ ଦାସ, ସରୋଜ ନାୟକ, ସହସମ୍ପାଦକ ଅସିତ ମହାନ୍ତ, ସଭ୍ୟ ଲମ୍ବୋଦର ଦଳବେହେରା, କୈଳାଶ ନାୟକ, ୟୁଏଜେ ଜିଲା ଶୃଙ୍ଖଳା କମିଟି ଅଧ୍ୟକ୍ଷ ରବିନାରାୟଣ କର ପ୍ରମୁଖଙ୍କ ସହ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ରାଜନେତା ଓ ଶୁଭେଚ୍ଛୁ ତାଙ୍କ ବାସ ଭବନରେ ପହଞ୍ଚି



ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରଙ୍କୁ ସାନ୍ତ୍ୱନା ଜଣାଇଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଟିସ୍କୋ ବଜାର ପରିକ୍ରମା କରାଯାଇ ଥିବାବେଳେ ଦୋକାନ ବଜାର ବନ୍ଦ ରହିଥିଲା। ତାଙ୍କ ମୃତ୍ୟୁରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଭାଜପା ନେତା ପ୍ରଦୀପ ବଳ ସାମନ୍ତ, ୟୁଜେଏ ରାଜ୍ୟ ସଭାପତି ବିଭୁତି ଭୂଷଣ କର, ସମ୍ପାଦକ ବେଣୁଧର ପଣ୍ଡା, ଏସୟୁଜେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ପାତ୍ର ପ୍ରମୁଖ ଶୋକବ୍ୟକ୍ତ କରଛନ୍ତି।

### ଶ୍ରମିକ ଦିବସ ପାଳନ ପ୍ରସ୍ତୁତି ବୈଠକ

**ବଡ଼ଚଣା, ୨୩।୪(ଦିଲୀପ କୁମାର ମହାନ୍ତି):** ଆସନ୍ତା ମେ' ୧ରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ ପାଇଁ ସମାଜ ବିକାଶ କର୍ମଜୀବୀ ଶ୍ରମିକ ସଂଘ ତରଫରୁ ଚଣ୍ଡିଖୋଲ ଛକସ୍ଥିତ ସଂଘ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଶ୍ରମିକ ନେତା ରମେଶ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିନ ବନ୍ଧାଳୋସ୍ଥିତ ଯୁବ ତାଲିମ କେନ୍ଦ୍ରଠାରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରାଯିବ। ପରେ ରାଜ୍ୟର ବିଶିଷ୍ଟ ଶ୍ରମିକ ନେତା ଓ ସାମାଜିକ କର୍ମୀଙ୍କ ସମେତ ଦକ୍ଷ ଶ୍ରମିକମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର ପ୍ରସ୍ତାବ ରହିଛି। ବୈଠକରେ ଶ୍ରମିକ ନେତା ନୃସିଂହ ଚରଣ ମିଶ୍ର, ନାରାୟଣ ନାୟକ, ଦିଲୀପ ପ୍ରଧାନ, କାର୍ତ୍ତିକ ବେହେରା, ରାଜେଶ ଜେନା, ପ୍ରଫୁଲ୍ଲ ସାହୁ, ଶୁଭଶ୍ରୀ ଓଝା ଓ ସ୍ଥିତପ୍ରଜ୍ଞା ବାରିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କଲେଜ ପରିସରରୁ ଶାଗୁଆନ ଗଛ କାଟିଦେଲେ

**ଛତିଆ, ୨୩।୪(ସୌମ୍ୟରଞ୍ଜନ ସାହୁ):** ବଡ଼ଚଣା ବ୍ଲକ୍ ଅଧୀନ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ପରିସରରେ ଥିବା ମୂଲ୍ୟବାନ ଶାଗୁଆନ ଗଛ କଟାଯାଇଛି। ଦୁଇ ଦିନ ପୂର୍ବେ ଏଠାରୁ ରାତିଅଧିଆ ଗଛ କାଟି ବିକ୍ରି କରାଯାଇଛି। ଏହି ଘଟଣା ପ୍ରଘଟ ପରେ ସ୍ଥାନୀୟ ବାସିନ୍ଦା ବୈରୀ ସ୍ଥିତ ବନ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ବିଭାଗ ପକ୍ଷରୁ କୌଣସି ଅନୁମତି ଦିଆ ଯାଇ ନ ଥିବା କୁହାଯାଇଛି। ତେବେ ଅନୁମତି ନ ଥାଇ କାହା ସାହସରେ କଲେଜ କର୍ତ୍ତୃପକ୍ଷ ଗଛଗୁଡ଼ିକୁ କାଟି ବିକ୍ରି କରିଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଣେ ଅଧ୍ୟାପକ ଏଭଳି କାମରେ ଲିପ୍ତ ଥିବା ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ କଲେଜ ଉନ୍ନତୀକରଣ ନାମରେ ଗଛ କାଟି ବିକ୍ରି କରିବା କେତେ ଦୂର ଯଥାର୍ଥ ବୋଲି ପ୍ରଶ୍ନ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଗଛ ବିକ୍ରି କରି ଏହାକୁ ଲୁଚେଇବାକୁ କଟା ଯାଇଥିବା ଗଛର ଡାଳ ପତ୍ର ଏକତ୍ର କରି ନିଆଁ ଲଗାଇ ଦିଆଯାଇଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ବଳରାମ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, କଲେଜର ନୂତନ ଗୃହ ନିର୍ମାଣ ପାଇଁ କିଛି ଜାଗା ଆବଶ୍ୟକ ଥିଲା। ସେଥିପାଇଁ ଉକ୍ତସ୍ଥାନରୁ ଗଛ କାଟିବାକୁ ଜଙ୍ଗଲ ବିଭାଗଠାରୁ ଅନୁମତି ପାଇଁ ଆବେଦନ କରିଥିଲୁ। କିନ୍ତୁ ଅନୁମତି ମିଳିବାରେ ବିଳମ୍ବ ହୋଇଥିଲା। ତୁରନ୍ତ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ନ କଲେ ଅନୁଦାନ ଟଙ୍କା ଫେରିଯିବ। ସେଥିପାଇଁ ଗଛ କଟାଯାଇଛି।



## ଅଭିଯୋଗ ପରେ ନେଉଳପୁର ଆର୍‌ଆଇଙ୍କ ବଦଳି

**ଧର୍ମଶାଳା, ୨୩।୪(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ତହସିଲ ଅନ୍ତର୍ଗତ ନେଉଳପୁର ସର୍କଲର ରାଜସ୍ୱ ନିରୀକ୍ଷକ ଜାଗୃତି ଶତପଥୀଙ୍କ ବିରୋଧରେ ଅଭିଯୋଗ ହେବାପରେ ତହସିଲଦାର ତାଙ୍କୁ ଅନ୍ୟତ୍ର ବଦଳି କରିଛନ୍ତି। ନେଉଳପୁର ରାଜସ୍ୱ ନିରୀକ୍ଷକ ଶତପଥୀ ଅଫିସକୁ ଠିକ ସମୟରେ ନ ଆସିବା, ଲିଗାଲହେୟାର ଓ ଜାତିଗତ ପ୍ରମାଣପତ୍ର ପାଇଁ ବିଳମ୍ବ କରୁଥିବା ନେଇ ସ୍ଥାନୀୟ ଲୋକେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଯାଜପୁର ଜିଲାପାଳ ଓ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ତହସିଲଦାର ଶୁଭଙ୍କର ମହାନ୍ତି ମଙ୍ଗଳବାର ଜାଗୃତିଙ୍କୁ ବଡକାଏମା ଆରଆଇ ଅଫିସକୁ ବଦଳି କରିଛନ୍ତି। ବଡ଼କାଏମା ରାଜସ୍ୱ ନିରୀକ୍ଷକ ସନ୍ଦୀପ ମହାନ୍ତିଙ୍କୁ ବଳରାମପୁର-୨ ସର୍କଲକୁ ବଦଳି କରାଯାଇଛି ବୋଲି ତହସିଲଦାର ମହାନ୍ତି ସୂଚନା ଦେଇଛନ୍ତି।

## ଟ୍ରାନ୍ସଫର୍ମରରେ ନିଆଁ, ଭୟଭୀତ ସହରବାସୀ

**ବାଲେଶ୍ୱର, ୨୩।୪(ମାନସ ବିଶ୍ୱାଳ)**

ବାଲେଶ୍ୱର ବିବେକାନନ୍ଦ ରୋଡ୍ କଲେକ୍ଟୋରେଟ୍ ନିକଟରେ ଥିବା ଏକ ଟ୍ରାନ୍ସଫର୍ମରରେ ମଙ୍ଗଳବାର ଦ୍ୱିପ୍ରହରରେ ହଠାତ୍ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଦୋକାନୀ ଏବଂ ଆଖପାଖ ଲୋକମାନେ ଭୟଭୀତ ହୋଇପଡିଥିଲେ। ବିଦ୍ୟୁତ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ ଦମକଳବାହିନୀ ମଧ୍ୟ ପହଞ୍ଚିଥିଲେ। ସହଦେବଖୁଣ୍ଟା ଥାନା ପୋଲିସ ପହଞ୍ଚି ଲୋକଙ୍କ ସୁରକ୍ଷା ନେଇ ରାସ୍ତାର ଗୋଟିଏ ପାର୍ଶ୍ୱ ବନ୍ଦ କରିଦେଇଥିଲେ।

## କାଳୀବେଶରେ ଦର୍ଶନଦେଲେ ମା'

**ରସୁଲପୁର, ୨୩।୪(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଭୋଟକା ଓ ଗନ୍ଧଣ ପଞ୍ଚାୟତର ସୀମାବର୍ତ୍ତୀ ଅଞ୍ଚଳ ବଇଁଚ ପଡ଼ିଆରେ ମା' ହିଙ୍ଗୁଳାଙ୍କ ପୀଠ ଅବସ୍ଥିତ। ୬୫ବର୍ଷ ଧରି ମା'ଙ୍କ ନିକଟରେ ବିଶ୍ୱକଲ୍ୟାଣ ନିମିତ୍ତ ଯଜ୍ଞ ଆୟୋଜନ କରାଯାଉଛି। ଏଥର ୩ ଦିନ ବ୍ୟାପୀ ମା'ଙ୍କ ବାର୍ଷିକ ଉତ୍ସବ ଓ ଚଇତି ଯାତ ଅନୁଷ୍ଠିତ ହେଉଛି। ଉତ୍ସବ ଅବସରରେ ଅନୁଷ୍ଠିତ ଯଜ୍ଞର ପ୍ରଥମ ଦିବସରେ ମା' ଭକ୍ତମାନଙ୍କୁ କାଳୀବେଶରେ ଦର୍ଶନ ଦେଇଛନ୍ତି। ମା'ଙ୍କ ଏହି ବେଶ ଦର୍ଶନ ପାଇଁ ସକାଳ ଓ ସନ୍ଧ୍ୟାରେ ପୀଠରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରାତଃରେ ଭଜନକୀର୍ତ୍ତନ ସହ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ମା'ଙ୍କ ସକାଳ ସ୍ନାନ, ମାଜଣା, ଷୋଡ଼ଶ ଉପଚାର ପୂଜା ପରେ ବଡ଼ସିଂହାର ବେଶରେ ଭୂଷିତ କରାଯାଇଥିଲା। ପରେ ପଣ୍ଡିତମାନେ ମା'ଙ୍କୁ କାଳୀବେଶରେ ସୁସଜ୍ଜିତ କରିଥିଲେ। ମା'ଙ୍କ ବେଶ ଅତ୍ୟନ୍ତ ମନୋରମ ଓ ଆକର୍ଷଣୀୟ ହୋଇଥିଲା।



ଏହି ଅବସରରେ ମା'ଙ୍କ ନିକଟରେ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥିଲା। ଯଜ୍ଞ କାର୍ଯ୍ୟ ଆରମ୍ଭ ପୂର୍ବରୁ ଗୁରୁପୂଜା, ଧରିତ୍ରୀ ପୂଜା, ସୂର୍ଯ୍ୟପୂଜା, ଗୋପୂଜା ଓ କୁଣ୍ଡମଣ୍ଡଳପୂଜା ଭଳି ନାନାଦି ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସୂର୍ଯ୍ୟକିରଣରୁ ଯଜ୍ଞକୁଣ୍ଡରେ ହୋମାଗ୍ନି ସଂଯୋଗ କରାଯାଇଥିଲା। ଉକ୍ତ ନିଆଁରୁ ମା'ଙ୍କ ରୋଷଶାଳା ଚୁଲିରେ ଅଗ୍ନି ସଂଯୋଗ କରାଯାଇଥିଲା। ଉକ୍ତ ଅଗ୍ନି ସହାୟତାରେ ମା'ଙ୍କ ନୀତି, ଅନ୍ନ ପ୍ରସାଦ ଆଦି ପ୍ରସ୍ତୁତ କରାଯାଇଥିଲା। ସକାଳ ଓ ସନ୍ଧ୍ୟା ସମୟରେ ଭଜନ କୀର୍ତ୍ତନ ସହ ଆଳତି ଉତ୍ସବ ଅତ୍ୟନ୍ତ ଆକର୍ଷଣୀୟ ହୋଇପାରିଥିଲା। ମଧ୍ୟାହ୍ନରେ ଭକ୍ତଙ୍କ ସକାଶେ ପ୍ରସାଦ ସେବନ ବନ୍ଦୋବସ୍ତ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଠାରେ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକୁ ମା' ହିଙ୍ଗୁଳା ପରିଚାଳନା କମିଟି ପକ୍ଷରୁ ପରିଚାଳନା କରାଯାଉଛି। ଯଜ୍ଞର ଦ୍ୱିତୀୟ ଦିବସରେ ମା'ହିଙ୍ଗୁଳା ଲକ୍ଷ୍ମୀ ବେଶରେ ଦର୍ଶନ ଦେବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ, ୩ ଗିରଫ

**ଯାଜପୁରରୋଡ୍, ୨୩।୪ (ପବିତ୍ର ରଞ୍ଜନ ମହାନ୍ତି):**

ଡୋଲିପୁର ଅବକାରୀ ବିଭାଗ କୋରେଇ ଓ ଦାନଗଦି ଅଞ୍ଚଳରେ ଚଢ଼ାଉ କରି ବିପୁଳ ଦେଶୀମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଦାଧର ମଳିକ, ରଞ୍ଜନ ଜେନା ଓ ମଦନମୋହନ ମଳିକ। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ପର୍ବାହ୍ନ ୯ଟା୩୦ରେ ଡୋଲିପୁର ଅବକାରୀ ବିଭାଗ ଅଧିକାରୀ ନାରାୟଣ ବେହେରା କୋରେଇ ଅଞ୍ଚଳର ପହଙ୍ଗା, ଦାନଗଦି ଅଞ୍ଚଳର ଖପୁରିଆପଦା ଓ କିମ୍ବିରୀଗଡିଆ ଛକରେ ଚଢ଼ାଉ କରିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଦେଶୀ ମଦ ନେଇ ଆସୁଥିବା ଦେଖି ସେମାନଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ୫୩୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଚଢ଼ାଉରେ ଏସ୍ଆଇ ଶ୍ରୀକାନ୍ତ କୁମାର ପଣ୍ଡା, ଏସ୍ଆଇ କ୍ଷୀରୋଦ କୁମାର ସାହୁ, ଶୁଭସ୍ମିତା ପ୍ରଧାନ, ମାଳତୀ ମାଝି ଓ ସୁଚିତ୍ରା ନାୟକ ପ୍ରମୁଖ ସାମିଲ ଥିଲେ। ଏନେଇ ବିଭାଗ ପକ୍ଷରୁ ନମ୍ବର ୧୪।୨୪, ୧୫।୨୪ ଓ ୧୬।୨୪ରେ ମାମଲା ରୁଜୁ ହୋଇଛି।

## ଯାଜପୁରରୋଡ୍ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଜଳଛତ୍ର

**ଯାଜପୁରରୋଡ୍, ୨୩।୪ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁର ରୋଡ୍ ଟ୍ରକ୍ ମାଲିକ ସଂଘ ତରଫରୁ ମଙ୍ଗଳବାର ଚୋରଦା ବାଇପାସ୍ସ୍ଥିତ କାର୍ଯ୍ୟାଳୟଠାରେ ଏକ ଜଳଛତ୍ର ଖୋଲାଯାଇଛି। ଏହାକୁ ବ୍ୟାସନଗର ପୌରପରିଷଦର ସ୍ଥାନୀୟ ପାରିଷଦ ସିଦ୍ଧାର୍ଥ ସାମଲ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସଂଘ ସଭାପତି ଅମୀୟ ରଞ୍ଜନ ବାରିକ, ସାଧାରଣ ସମ୍ପାଦକ ଦିଲୀପ କୁମାର ମଲ୍ଲିକ, ମୁଖ୍ୟ ଉପଦେଷ୍ଟା ହୃଦାନନ୍ଦ ସାମଲ, ଉପସଭାପତି କିଶୋର ରାଉତ, ସହସମ୍ପାଦକ ଜୟଜିତ ପରିଡା, ସଭ୍ୟ ବିଜୟ କୁମାର ମହାନ୍ତି, ଆନନ୍ଦ ଚନ୍ଦ୍ର ବଳ, ରାଜକିଶୋର ପ୍ରଧାନ, ପୂର୍ବତନ ସଭାପତି କିଶୋର ରାଉତ, ସ୍ମୃତିରଞ୍ଜନ ଘଡ଼େଇ, ଆନନ୍ଦ ଚନ୍ଦ୍ର ମଲ୍ଲିକ, ମିର୍ଜା ଅଲିରାଜ ବେଗ, ଟିପୁ ସୁଲତାନ, ମିର୍ଜା ସାହେବଜାନ ବେଗ, ତ୍ରିଲୋଚନ ନାୟକ, ମନୋଜ ରଣା, ହରିହର ବିନ୍ଧାଣି, ଗଙ୍ଗାଧର ବାରିକ, ଶ୍ରୀନିବାସ ଜେନା, ଅଶୋକ ଦାସ, ଲାଲମୋହନ ବାରିକ, ରଞ୍ଜିତ ଜେନା, ଅମୂଲ୍ୟ ପଣ୍ଡା ଓ ମଦନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।


ଜଳଛତ୍ରରେ ଲୋକଙ୍କୁ ଜଳ ବଣ୍ଟନ କରାଯାଉଛି।

## ମଧୁବନରେ ହିଙ୍ଗୁଳା ଯଜ୍ଞ ଉତ୍ସବ

**ବୈଷ୍ଣବୀ ବେଶରେ ମା'**

**ରସୁଲପୁର, ୨୩।୪(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଚ ପଞ୍ଚାୟତ ମଧୁବନ ହାଟ ପଡ଼ିଆ ମା' ହିଙ୍ଗୁଳାଙ୍କ ୮୭ତମ ଯଜ୍ଞ ଉତ୍ସବ ଆରମ୍ଭ ହୋଇଛି। ସକାଳ ୮ଟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ପୁଷ୍କରିଣୀରୁ ଜଳପୂର୍ଣ୍ଣ କଳସ ଅଣାଯାଇ ମା'ଙ୍କ ପୀଠରେ ସ୍ଥାପନ କରାଯାଇଥିଲା। ପୂର୍ବ ନିର୍ଦ୍ଧାରିତ ନୀତିନିର୍ଘଣ୍ଟ ଅନୁଯାୟୀ ପୁଷ୍କରିଣୀ ନିକଟରେ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମା'ଙ୍କୁ ପାରମ୍ପରିକ ରୀତିନୀତିର ସହ ପୂଜା କରାଯାଇଥିଲା। ମା' ଭକ୍ତଙ୍କୁ ବୈଷ୍ଣବୀ ବେଶରେ ଦର୍ଶନ ଦେଇଥିଲେ। ବ୍ରାହ୍ମଣମାନେ ଯଜ୍ଞମଣ୍ଡପକୁ ଶୁଦ୍ଧିକରଣ କରିଥିଲେ। ସୂର୍ଯ୍ୟପୂଜା, ଧେନୁପୂଜା, କୁଣ୍ଡମଣ୍ଡଳ ପୂଜା ଆଦି କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ସକାଳ ଓ ସନ୍ଧ୍ୟାରେ ଆଳତି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସଂକୀର୍ତ୍ତନ ପ୍ରତିଯୋଗିତା ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ମଧ୍ୟାହ୍ନରେ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା। ପୂଜା କାର୍ଯ୍ୟକୁ ଆକର୍ଷଣୀୟ କରିବାକୁ ପରିଚାଳନା କମିଟି ପକ୍ଷରୁ ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ମିନାବଜାର ଆଦି ଖୋଲିବାର ବ୍ୟବସ୍ଥା କରାଯାଇଛି। ତିନିଦିନ ଧରି ପୂଜାକାର୍ଯ୍ୟକୁ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।



## ଆଦର୍ଶ ବିଦ୍ୟାଳୟ ହଷ୍ଟେଲ ନିର୍ମାଣ ସରୁନି

**ଯାଜପୁର, ୨୩।୪(ହର୍ଷବର୍ଦ୍ଧନ ବେହେରା):**

ରାଜ୍ୟ ସରକାର ୨୦୧୭ରୁ ଗ୍ରାମାଞ୍ଚଳର ଗରିବ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଉନ୍ନତ ମାନର ଇଂଲିଶ ମିଡିୟମ ଶିକ୍ଷା ପ୍ରଦାନ ନିମନ୍ତେ ଓଡ଼ିଶାର ପ୍ରତ୍ୟେକ ବ୍ଲକସ୍ତରରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି। ଏହାସହ ଦୂରଦୁରାନ୍ତ ଛାତ୍ରୀଛାତ୍ରମାନଙ୍କ ରହଣୀ ପାଇଁ ହଷ୍ଟେଲ ନିର୍ମାଣ କରାଯାଉଛି। ଏହି ଆଦର୍ଶ ବିଦ୍ୟାଳୟକୁ ସୁପରିଚାଳନା କରିବା ନିମନ୍ତେ ସ୍ୱତନ୍ତ୍ର ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ମଧ୍ୟ କାର୍ଯ୍ୟ କରୁଛି। ଏହି କ୍ରମରେ ଯାଜପୁର ଜିଲାର ଦାନଗଦି ବ୍ଲକ ଗହିରବାଟୁଲିଠାରେ ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ ହଷ୍ଟେଲ ଗୃହ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଥିବାରୁ ଦୂରଦୁରାନ୍ତ ଅଞ୍ଚଳର ଗରିବ ଛାତ୍ରୀଛାତ୍ର ବହୁ ଖର୍ଚ୍ଚାନ୍ତ ହେବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

ଆଦର୍ଶ ବିଦ୍ୟାଳୟକୁ ପରିଚାଳନା ଓ ତଦାରଖ କରିବା ନିମନ୍ତେ ଜିଲାପାଳ ଅଧ୍ୟକ୍ଷ ଏବଂ ବ୍ଲକସ୍ତରରେ ବ୍ଲକ ଶିକ୍ଷା ମଣ୍ଡଳ ଅଧିକାରୀ ଉତ୍ତରଦାୟିତ୍ୱ ରହିଛନ୍ତି। ଏହି ଆଦର୍ଶ ବିଦ୍ୟାଳୟର ପାଠ୍ୟକ୍ରମରେ ନାମଲେଖା ପାଇଁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ଏକକ ପ୍ରବେଶିକା ପରୀକ୍ଷା ଆୟୋଜନ କରାଯାଉଛି। ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ଷଷ୍ଠ ଶ୍ରେଣୀ ଚୟନ କରାଯିବ ସହ କେନ୍ଦ୍ରୀୟ ବିଦ୍ୟାଳୟ ପାଠ୍ୟକ୍ରମ ଢାଞ୍ଚାରେ ଶିକ୍ଷା ପ୍ରଦାନ ବ୍ୟବସ୍ଥା କରାଯାଇଛି। ଦାନଗଦି ବ୍ଲକର ୨୩ ପଞ୍ଚାୟତର ପାଖାପାଖି ୩୦୦ ଛାତ୍ରୀଛାତ୍ରଙ୍କୁ ଗହୀରବାଟୁଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟୟନ କରୁଛନ୍ତି। ତେବେ ଏହି ବିଦ୍ୟାଳୟଠାରୁ ବହୁ ଦୂରରୁ ଆସୁଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ଆରଏଣ୍ଡବି ତଥା ପୂର୍ତ୍ତ ବିଭାଗ ଦ୍ୱାରା ଓଏମ୍‌ବିଏଡିସି ପାଣ୍ଠିରେ ୪୦୦ ଶଯ୍ୟା ବିଶିଷ୍ଟ ଦୁଇଟି ହଷ୍ଟେଲ ଗୃହ ନିର୍ମାଣ ଚାଲୁଛି। ତେବେ କାର୍ଯ୍ୟ ଆରମ୍ଭ ହେବାର ୨ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ହଷ୍ଟେଲ କାର୍ଯ୍ୟ ନ ସାରିବା କାରଣ ଯୋଗୁ ୨୦ରୁ ୨୫ କିମି ଦୂର ପଞ୍ଚାୟତର ବହୁ ଗରିବ ଛାତ୍ରୀଛାତ୍ର ମାସିକ ୨୫୦୦ରୁ ୩୦୦୦ ଟଙ୍କା ଖର୍ଚ୍ଚ କରି ଗାଡ଼ି ଭଡାରେ ଆସୁଛନ୍ତି। ଅଯଥାରେ ଅନେକ ଗରିବ ଅଭିଭାବକ ଗାଡ଼ି ଭଡା ବାବଦରେ ଖର୍ଚ୍ଚାନ୍ତ ହେଉଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳ କରିଡର ରାସ୍ତା ବହୁ ସମୟରେ ଭାରିଯାନ ଚଳାଚଳ ଏବଂ ଟ୍ରାଫିକ ସମସ୍ୟା ଯୋଗୁ ଛାତ୍ରୀଛାତ୍ରମାନଙ୍କ ଜୀବନ ପ୍ରତି ବିପଦ ରହିଛି।


ଦାନଗଦି ଆଦର୍ଶ ବିଦ୍ୟାଳୟ ହଷ୍ଟେଲ ନିର୍ମାଣ କାର୍ଯ୍ୟ ଚାଲିଛି।

ଖପୁରିଆପଦା/କୁମ୍ଭିରଗଡିଆ ପଞ୍ଚାୟତ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ସମୟଠାରୁ ୨ଘଣ୍ଟା ପୂର୍ବରୁ ବାହାରି ଥାଆନ୍ତି । କାରଣ କେନ୍ଦୁଡିପି/ଭିସା ଛକ ଭଳି ଦୁଇଟି ରେଳ ଫାଟକ ଅତିକ୍ରମ କରି ବିଦ୍ୟାଳୟକୁ ଆସନ୍ତି। ଏହି ଆଦର୍ଶ ବିଦ୍ୟାଳୟର ମୁଖ୍ୟ ଫାଟକ ସମେତ ପଛ ପାଖ ଖୋଲା ମେଲା ରହିଛି। ପ୍ରାୟ ୮୦୦ ମିଟରରୁ ଅଧିକ ପାଚେରୀ ନ ହୋଇ ଖୋଲା ପଡିଛି। ଫଳରେ ବିଦ୍ୟାଳୟ ପାଖ ଏବଂ ଖେଳ ପଡ଼ିଆ ସ୍ଥାନୀୟ ଗୋରୁଗାଈମାନଙ୍କ ଚରା ଭୂଇଁ ପାଲଟିଛି । ଗତ ବର୍ଷା ଋତୁରେ ଏହି ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଲଗେଇ ଥିବା ୫୦୦ ଗଛରୁ ହାତ ଗଣତି କେତୋଟି ବଞ୍ଚି ରହିଛି। ଏହି ଦୁଇ ହଷ୍ଟେଲ ନିର୍ମାଣ ପାଇଁ ବହୁ କୋଟି ଟଙ୍କା ବ୍ୟୟ କରାଯାଇଛି ସତ କିନ୍ତୁ ଏହାର ଲକ୍ଷ୍ୟ ସାଧନ ହୋଇ ପାରି ନ ଥିବାରୁ ଛାତ୍ରୀଛାତ୍ରମାନେ ହଷ୍ଟେଲ ରହି ପାଠ ପଢିବା ଆଶା ନିରାଶାରେ ପରିଣତ ହୋଇଥିବା ମତପ୍ରକାଶ ପାଇଛି।

# ୨୯ ଓଭର ହେଡ୍ ଟାଙ୍କି, ଲୋକଙ୍କୁ ପାଣି ମୁନ୍ଦେ ମିଳୁନି

ମାର୍ଶାଘାଇ,୨୩।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅଞ୍ଚଳରେ ପାନୀୟ ଜଳ ସମସ୍ୟାକୁ ନେଇ ଲୋକେ ତ୍ରାହି ତ୍ରାହି ଡାକିଲେଣି। ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ନଦୀ ନାଳ ଶୁଖିଲା ପଡିଥିବା ବେଳେ ଗାଁରେ ଥିବା ଜଳାଶୟ ଶୁଖିବାକୁ ବସିଲାଣି। ମଣିଷ ସାଙ୍ଗକୁ ଗୃହପାଳିତ ପ୍ରାଣୀ ଓ ଜୀବଜନ୍ତୁ ବି ପାଣି ମୁନ୍ଦେ ପାଇଁ ଉହଲବିକଳ ହେଉଛନ୍ତି। ସମସ୍ତଙ୍କ ଭରସା ଏବେ ନଳକୂପର ଜଳ। ପ୍ରତି ଗ୍ରାମକୁ ପାଇପ ଯୋଗେ ଯୋଗାଯାଉଥିବା ଜଳ ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି।

ମାର୍ଶାଘାଇ ବ୍ଲକର ୨୪ଟି ପଞ୍ଚାୟତରେ ୪୪ଟି ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପ ରହିଛି। ସେଥିମଧ୍ୟରୁ ନେମ୍ବରା, ଅଙ୍ଗୁଳାଇ, ଶିଳିପୁର, ଦଶିପୁର, ହାତିଆ, ମାର୍ଶାଘାଇର ପୁରୁଷୋତ୍ତମପୁର, ନାରଣପୁର, ବେରୁହାଁ, ଅନ୍ତେଇ, ରାଘବପୁର, ଡିହବଳରାମପୁର, ମାଣ୍ଡିଆ, ବଉଳାଙ୍ଗ, ଓରିଶବିନ୍ଧା, ଅରିମୂଳ, ଆଖୁଆ, ବଛରାଇ, ବନ୍ଧକଟା, ଗୋଧନ, ମେହେନ୍ଦିନଗର, କରାଣ୍ଡିଆ ପାଟଣା, ଜମପଡ଼ା, ଗୋପେଇ, ରାଇଚାନ୍ଦ, ଆଇତିପୁର, ପକ୍ଷଟ ଭଳି ୨୯ଟି



ସ୍ଥାନରେ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପକୁ ଲାଗି ଓଭରହେଡ୍ ପାଣିଟାଙ୍କି ନିର୍ମାଣ କରାଯାଇଛି; ଯାହାକି ଲୋକମାନେ କିପରି ସୁରୁଖୁରୁରେ ପିଇବା ପାଣି ପାଇ ପାରିବେ। ତେବେ ଏହି ଓଭରହେଡ୍ ପାଣିଟାଙ୍କିଗୁଡିକ ସରକାରୀ ଖାତାରେ କାର୍ଯ୍ୟକ୍ଷମ ହୋଇଥିବା ବେଳେ କେତେଗୋଟି କାର୍ଯ୍ୟକାରୀ ହେବାକୁ ବର୍ଷବର୍ଷ ବିତିଗଲାଣି। ଯଦି ଉଦାହରଣକୁ ନେବା ମାର୍ଶାଘାଇ ପଞ୍ଚାୟତର ତହସିଲ କାର୍ଯ୍ୟାଳୟ ନିକଟ ପୁରୁଷୋତ୍ତମପୁରଠାରେ ଥିବା ଓଭରହେଡ୍ ପାଣିଟାଙ୍କି ରଙ୍ଗ ଦିଆ ହୋଇ ଚକଚକ କରୁଛି ସିନା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେଇନାହିଁ। ଜମପଡ଼ାରେ ତଦ୍ରୂପ ଅବସ୍ଥା। କେବଳ ମାର୍ଶାଘାଇ ନୁହେଁ କି ଜମପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଓଭରହେଡ ପାଣି ଟାଙ୍କିକୁ ଜଳ ଯୋଗାଣ ନ ଥାଇ ସିଧାସଳଖ ପାଇପ ଯୋଗେ ପାଣି ଛଡାଯାଉଛି। ଯାହା ଫଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ କରାଯାଇଥିବା ଓଭରହେଡ ପାଣିଟାଙ୍କି କେବଳ ସାକ୍ଷୀ ଭଳି ଛିଡା ହୋଇଛି ସିନା କାମରେ ଲାଗୁନି। ପାଇପ ଯୋଗେ ଯୋଗାଇ ଦିଆଯାଉଥିବା ପାଣି ତଳମୁଣ୍ଡରେ ପହଞ୍ଚୁ ନ ଥିବା ଲୋକମାନେ ଅଭିଯୋଗ କରୁଛନ୍ତି। ଏଥିସହ ବ୍ଲକର ବିଭିନ୍ନ ପଞ୍ଚାୟତରେ ୧୫୪୪ଟି ନଳକୂପ ରହିଛି। ଅଚଳ ନଳକୂପର ସଂଖ୍ୟା କିନ୍ତୁ ବିଭାଗ ନିକଟରେ ନାହିଁ। ବ୍ଲକ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ତୀବ୍ରତର ହେଉଛି। ନଳକୂପ କେବଳ ସରକାରୀ ଖାତାରେ ରହିଛି ସିନା ଅନେକ ଜଳସ୍ତର ଖସୁଥିବାରୁ ପାଣି ବ୍ୟବହାର ଯୋଗ୍ୟ ହୋଇପାରୁନି। ଅନ୍ୟପଟରେ ପାଇପ ଯୋଗେ ଯୋଗାଣ ହେଉଥିବା ପାଣି କେଉଁଠି ଯାଉନି ତ କେଉଁଠାରେ ଲୋକମାନେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରି ରହୁଛନ୍ତି। ଯଦି ମାର୍ଶାଘାଇ ପଞ୍ଚାୟତକୁ ଧରାଯାଏ ଏଠାରେ ତୁଳସୀପୁର ଅନୁସୂଚିତ ସାହିରେ ନଳକୂପ ନ ଥିବା ବେଳେ ପାଇପ ଯୋଗେ ପାଣି ଯୋଗାଣ ହୋଇପାରୁନି। ମଣିକୁଣ୍ଡା ପଞ୍ଚାୟତର ପାଲିକୁଦ ସମେତ ବ୍ଲକର ବିଭିନ୍ନ ସ୍ଥାନରେ ବିଶେଷ କରି ପାଇପ ଯୋଗେ ଯୋଗାଇ ଦିଆଯାଉଥିବା ପାଣି ଶେଷମୁଣ୍ଡ ପର୍ଯ୍ୟନ୍ତ ପହଞ୍ଚି ପାରୁନାହିଁ। ସାମାଜିକ କର୍ମୀ ଶୁଭେନ୍ଦୁ ପ୍ରକାଶ ଦାସ, ବିଶ୍ୱରଞ୍ଜନ ଜେନା, ବିଚିତ୍ରାନନ୍ଦ ବେହେରା, ରଣେନ୍ଦ୍ର ନାୟକ ପ୍ରମୁଖ ଭୂତଳ ଜଳସ୍ତର ହ୍ରାସ ପାଉଥିବାରୁ ନଳକୂପ ଅଚଳ ହୋଇପଡୁଛି। ପାଇପ ଯୋଗେ ଯୋଗାଣ ପାଣି ଉପରେ ଲୋକମାନେ ଅଧିକ ନିର୍ଭର କରୁଥିବାରୁ ଏହାର ପରିଚାଳନା ଠିକ ଭାବେ ହେଉ ନ ଥିବାରୁ ସମସ୍ୟା ଉପୁଜୁଛି। ସରକାର ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଅର୍ଥ ବ୍ୟୟ କରୁଥିଲେ ମଧ୍ୟ ସମସ୍ୟାରେ ସୁଧାର ଆସୁନି। ଅନେକ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ତୀବ୍ରତର ହୋଇଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର କୁମାର ସିଂଙ୍କୁ ପଚାରିବାରେ ଜଳସ୍ତର କମି ଯାଉଥିବାରୁ ଅନେକ ନଳକୂପ ଅଚଳ ହୋଇପଡିଛି। ତଥାପି ଉପୁଜିଥିବା ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବିଭାଗ ପକ୍ଷରୁ ଚେଷ୍ଟା ଜାରି ରହିଛି ବୋଲି ସେ କହିଛନ୍ତି।

# କୃଷି, ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ କେନ୍ଦ୍ରାପଡ଼ା ଅବହେଳିତ

କେନ୍ଦ୍ରାପଡ଼ା, ୨୩।୪(ଜଗନ୍ନାଥ ଧଳ)

## କେନ୍ଦ୍ରାପଡାରେ ଏସ୍‌ୟୁସିଆଇର ଖବରଦାତା ସମ୍ମିଳନୀ

ଦାଦନ ସମସ୍ୟା କେନ୍ଦ୍ରାପଡ଼ା ଜିଲାରେ ଉତ୍କଟ ହୋଇଥିବା ବେଳେ କୃଷି ଓ ଜଳସେଚନ ସମସ୍ୟା ପାଇଁ ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ଓ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଅଚେତନ ଥିବା ସହ ବିଭିନ୍ନ ସମସ୍ୟାରେ ଜର୍ଜରିତ କେନ୍ଦ୍ରାପଡ଼ାରେ ସୁଧାର ଆଣିବା ପାଇଁ ଏସ୍‌ୟୁସିଆଇ(ସି) ବଦ୍ଧ ପରିକର ବୋଲି ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୌଭାଗ୍ୟକେତନ ସାମଲ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ସହର ଉପକଣ୍ଠ ଟାଉନ ହାଇସ୍କୁଲ ନିକଟରେ ଅନୁଷ୍ଠିତ ସମ୍ମିଳନୀରେ ଏସ୍‌ୟୁସିଆଇ(ସି)ପକ୍ଷରୁ କେନ୍ଦ୍ରାପଡ଼ା ଲୋକସଭା ପାଇଁ ହୋଇଥିବା ପ୍ରାର୍ଥୀ ସୌଭାଗ୍ୟ କେତନ ସାମଲ ଉପରୋକ୍ତ ତଥ୍ୟ ପ୍ରକାଶ କରିଛନ୍ତି। ଓଡ଼ିଶାରେ ପାର୍ଟି ପକ୍ଷରୁ ୧୬ଟି ଲୋକସଭା ଓ ୨୮ଟି ବିଧାନସଭା ଆସନରେ ପ୍ରାର୍ଥୀ ମନୋନୟନ ହୋଇଛି। ତନ୍ମଧ୍ୟରୁ କେନ୍ଦ୍ରାପଡ଼ା ଲୋକସଭା ଆସନରେ ଏସ୍‌ୟୁସିଆଇ(ସି) ମଧ୍ୟ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛି। ଆମେ ଲକ୍ଷ୍ୟ କରୁଛୁ ସ୍ୱାଧୀନତା ପରେ ବହୁ ନିର୍ବାଚନ ଅନୁଷ୍ଠିତ ହୋଇଥିଲେ ମଧ୍ୟ ଜନଗଣଙ୍କର କୌଣସି ମୌଳିକ ସମସ୍ୟାର ସମାଧାନ ହୋଇନାହିଁ। ଏପରିକି ଆମର ନଦୀ, ସମୁଦ୍ର ଘେରା କେନ୍ଦ୍ରାପଡ଼ା ଜିଲାର ସମସ୍ତ ଗାଁକୁ ମୁନ୍ଦେ ପିଇବା ପାଣି ସରକାର ଯୋଗାଇ ପାରିନାହାନ୍ତି। ଅଥଚ ଖରସ୍ରୋତା ନଦୀର ଜଳକୁ କର୍ପୋରେଟ ସଂସ୍ଥାକୁ ଯୋଗାଇଦେବା ପାଇଁ ଯୋଜନା ଚାଲିଛି ବୋଲି ସୌଭାଗ୍ୟ କହିଛନ୍ତି। ଆଜି ବି ବ୍ରାହ୍ମଣୀ, ଖରସ୍ରୋତା, ଲୁଣା, ଚିତ୍ରୋତ୍ପଳା, କରାଣ୍ଡିଆର ବନ୍ୟା ପ୍ରତିବର୍ଷ ମଣିଷକୁ ଆତଙ୍କିତ କରୁଛି। ସାମୁହିକ ଜୁଆରକୁ ରୋକିବା ପାଇଁ କୋଷ୍ଟାଲ ହାଇୱେ ସୁଦୂର ପରାହତ। ପଡୋଶୀ ଯାଜପୁର ଜିଲାର ଧାନମଣ୍ଡଳ ଝୋଟ ମିଲ ବନ୍ଦ ହୋଇଯିବା ପରେ କେନ୍ଦ୍ରାପଡ଼ା ଜିଲାର ଚାଷୀଙ୍କ ଅର୍ଥକାରୀ ଝୋଟ ଫସଲ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ସମ୍ମିଳନୀରେ ଏସ୍‌ୟୁସିଆଇ(ସି)ର ରାଜ୍ୟ ସମ୍ପାଦକ ଶଙ୍କରଦାସ ଗୁପ୍ତା ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱୟଂପ୍ରଭା ନାୟକ, ବିଭୂତି ନାୟକ, ଏଲିନା ସାମନ୍ତରାୟ, ହିରାମଣୀ ରାଉତ, ରମାକାନ୍ତ ନାୟକ, ସୁରଥ ଚନ୍ଦ୍ର ମଲ୍ଲିକ, କ୍ଷୀରୋଦ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ୟୁସିଆଇ(ସି)ର କର୍ମକର୍ତ୍ତାମାନେ ।

# ୨୫ ନଂ. ଜୋନର ଭାଜପାର କାର୍ଯ୍ୟକର୍ତ୍ତା ବୈଠକ




ସମ୍ମିଳନୀରେ କେନ୍ଦ୍ରାପଡ଼ା ଭାଜପା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଏବଂ ଅନ୍ୟମାନେ।

ମାର୍ଶାଘାଇ,୨୩।୪(ଶୁଭେନ୍ଦ୍ର ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇଠାରେ ମଙ୍ଗଳବାର ଭାଜପା ୨୫ନଂ. ଜୋନର କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ମହାକାଳପଡା ବିଧାୟକ ପ୍ରାର୍ଥୀ ଦୁର୍ଗା ପ୍ରସନ୍ନ ନାୟକ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ଭାଜପା ନେତା ସୌଭାଗ୍ୟ ପରିଡା, ସଞ୍ଜୟ କୁମାର ରଥ, ନାରୀନେତ୍ରୀ ଜାନକୀ ପ୍ରଧାନ, ସରୋଜ ସାହୁ ପ୍ରମୁଖ ଯୋଗଦେଇ ମାର୍ଶାଘାଇକୁ ଏନ୍‌ଏସି ପ୍ରଦାନରେ ଟାଳଟୁଳ ନୀତି, ଜମ୍ବୁ ମାର୍ଶାଘାଇ କେନାଲ ପୁନରୁଦ୍ଧାର, ମାର୍ଶାଘାଇ ଓ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତି ନେଇ ପ୍ରଶ୍ନ ଉଠାଇବା ସହ ମୋଦି ଗ୍ୟାରେଣ୍ଟି ଘରେ ଘରେ ପହଞ୍ଚିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଇଟିସେଲର ରାଜଲକ୍ଷ୍ମୀ ଦାସ, ଜିଲା କୋଷାଦକ୍ଷ ପ୍ରତିମା ନାୟକ, ମହିରି ସାମଲ, ବିକ୍ରମାଦିତ୍ୟ ସାହୁ, ପ୍ରକାଶ ପ୍ରଧାନ, ତ୍ରିଲୋଚନ ରାଉତ, ଅଖିଳ ମହାପାତ୍ର, କଳ୍ପତରୁ ଦାସ, ଶରତ ମହାନ୍ତି, ପ୍ରଶାନ୍ତ ସେଠୀ, ଜୀବନ ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ପ୍ରକାଶ ଦାସ ଓ ଅମିତାଭ ସୁଆର ପରିଚାଳନା କରିଥିଲେ।

# ମେ ୨୨ରେ ଜିଲା ସଂଘ ଶାଖା ପକ୍ଷରୁ ଶପଥ ସମାବେଶ

କେନ୍ଦ୍ରାପଡ଼ା, ୨୩।୪(ଜଗନ୍ନାଥ ଧଳ)

ଗାଁ ସାଥୀ(ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିଓଡ଼ିଶା ପ୍ରଦେଶ ଶାଖାର ଆହ୍ୱାନକ୍ରମେ କେନ୍ଦ୍ରାପଡ଼ା ଜିଲା ଶାଖା ସଂଘର ଏକ ସାଙ୍ଗଠନିକ କର୍ମଶାଳା ମଙ୍ଗଳବାର ସ୍ଥାନୀୟ ଗରାପୁରସ୍ଥିତ ଶ୍ରୀଗୋପାଳଜୀଉଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅନିଲ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଜିଲା ଓ ବ୍ଲକ କମିଟିର ଶତାଧିକ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଙ୍ଗଠନର ରାଜ୍ୟ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ଯୋଗ ଦେଇ ବୈଠକରେ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବା ସହ ବାର୍ଷିକ କାର୍ଯ୍ୟ ଖସଡା ପ୍ରସ୍ତୁତ କରିଥିଲେ। ସଙ୍ଗଠନର ଜିଲା ଓ ବ୍ଲକ କମିଟିଗୁଡିକର ପୁନର୍ଗଠନ କରାଯାଇଥିଲା। ଏଥିରେ ମୁଖ୍ୟତଃ ୩ଟି ପ୍ରସଙ୍ଗ ଉପରେ ସର୍ବସମ୍ମତି ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରଥମରେ ଜିଲାରେ ୪ବର୍ଷ ଧରି ହଜାର ହଜାର ଗାଁ ସାଥୀ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ କରି ମଧ୍ୟ ପ୍ରାପ୍ୟ ଏଯାବତ୍ ପାଇନାହାନ୍ତି। ଏ ସମ୍ପର୍କରେ ଜିଲା ପ୍ରଶାସନର ହସ୍ତକ୍ଷେପ



କର୍ମଶାଳାରେ ଗାଁ ସାଥୀଙ୍କ ନେତୃବୃନ୍ଦ।

## ଗାଁ ସାଥୀଙ୍କ ସାଙ୍ଗଠନିକ କର୍ମଶାଳା

ପରେ ମଧ କୌଣସି ବ୍ଲକରେ କିଛି ବି ଫଳାଫଳ ମିଳିନାହିଁ। ଏଣୁ ଏ ବାବଦରେ ତୁରନ୍ତ ଲେବର କୋର୍ଟରେ ଦ୍ୱାରସ୍ଥ ହେବାକୁ ବିଗତ ବୈଠକ ଅନୁଯାୟୀ ସଂଘ ନିଷ୍ପତ୍ତି ଗ୍ରହଣ କରିଛି। ଦ୍ୱିତୀୟରେ ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସଂଘର ଜିଲା ଓ ବ୍ଲକ ସ୍ତରର ସମସ୍ତ କେନ୍ଦ୍ରାପଡ଼ାର ବର୍ତ୍ତମାନ ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ମିଳିତ ଭାବେ ସାକ୍ଷାତ ନିମନ୍ତେ ରାଜ୍ୟ ସଭାପତି ବିଶ୍ୱାଳଙ୍କୁ ଦାୟିତ୍ୱ ଦିଆଯାଇଛି। ସେହି ସାକ୍ଷାତ ସମୟରେ ସଂଘ ପକ୍ଷରୁ କିଛି ନିବେଦନ କରାଯିବ। ଯଦି ତାହା ସକାରାତ୍ମକ ହୁଏ ତେବେ ଜିଲାର ସମସ୍ତ ଗାଁ ସାଥୀ ପଣ୍ଡାଙ୍କୁ ସହଯୋଗ କରିବେ। ତୃତୀୟରେ ଚଳିତବର୍ଷ ମେ ୨୨ରେ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ସମସ୍ତ ଗାଁ ସାଥୀ, ଉପକୂଳବର୍ତ୍ତୀ ଓଡ଼ିଶାର ସମସ୍ତ ଜିଲା ଓ ବ୍ଲକ କର୍ମକର୍ତ୍ତା ସ୍ଥାନୀୟ ଶ୍ରୀବଳଦେବଜୀଉଙ୍କ ମନ୍ଦିରଠାରେ ପହଞ୍ଚି ଶପଥ ଗ୍ରହଣ ସମାରୋହ ହେବ। ଏଥିପାଇଁ ଏପ୍ରିଲ ୨୮ରେ ଗରାପୁରସ୍ଥିତ ଶ୍ରୀଗୋପାଳଜୀଉଙ୍କ ମନ୍ଦିର ପରିସରରେ ବୈଠକ କରାଯିବ। ଏଥିରେ ସମ୍ପାଦକ ବିଜୟ କୁମାର ବେହେରା, ଉପେନ୍ଦ୍ର କୁମାର ସାହୁ, ନିରଞ୍ଜନ ମଲ୍ଲିକ, ପ୍ରଶାନ୍ତ କୁମାର ଦାସ, ବରଦାକାନ୍ତ ପାତ୍ର, ମମତା ନାୟକ, ଜ୍ୟୋସ୍ନାରାଣୀ ଜେନା ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ହାଇସ୍କୁଲରେ ଅଗ୍ନି ନିରାପତ୍ତା, ସୁରକ୍ଷା ସମ୍ପର୍କିତ କର୍ମଶାଳା

## ଇକୋ କ୍ଲବର ବୃକ୍ଷରୋପଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୨୩।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଦେପୁରସ୍ଥିତ ସରସ୍ୱତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିରାପତ୍ତା ଓ ସୁରକ୍ଷା ସମ୍ପର୍କିତ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ନାୟକଙ୍କ ସଭାପତିତ୍ୱରେ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ କର୍ମଶାଳାରେ ମୋ ସ୍କୁଲ ଅଭିଯାନ ସଭାପତି ଡ. ଉପେନ୍ଦ୍ର ନାଥ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମନୋଜ କୁମାର ନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ା ଅଗ୍ନିଶମ ବିଭାଗର ବରିଷ୍ଠ କର୍ମଚାରୀ ନିରଞ୍ଜନ ମନ୍ତ୍ରୀଙ୍କ ନେତୃତ୍ୱରେ ଏକ ୬ଜଣିଆ ଟିମ୍ କର୍ମଶାଳାରେ ଯୋଗଦେଇ ଅଗ୍ନି ନିରାପତ୍ତା ଏବଂ ସୁରକ୍ଷା ସମ୍ପର୍କରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କ ସମ୍ମୁଖରେ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରିବା ସହ ବହୁ ଶିକ୍ଷଣୀୟ ଉପଦେଶମାନ ଦେଇଥିଲେ। ଆକସ୍ମିକ ଅଗ୍ନିକାଣ୍ଡ ଘଟିଲେ କିପରି ଅଗ୍ନିକୁ ଆୟତ କରାଯାଇପାରିବ ଏବଂ ଜରୁରୀ ସମୟରେ କିପରି ୧୧୨ନମ୍ବରକୁ ଫୋନ କରି ଆବଶ୍ୟକ ସେବାପ୍ରାପ୍ତ ମିଳିବ ସେ ସମ୍ପର୍କରେ ବତାଇ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନାୟକ ବଜ୍ରପାତ ବେଳେ କି ପ୍ରକାର ପଦକ୍ଷେପ ନିଆଯିବା ଉଚିତ, ବରିଷ୍ଠ ଶିକ୍ଷୟିତ୍ରୀ ମଧୁସ୍ମିତା ଲେଙ୍କା ସାପ କାମୁଡି ଦେଲେ ପ୍ରଥମେ କିଭଳି ପ୍ରାଥମିକ ଚିକିତ୍ସା କରାଯିବା କଥା, ଶିକ୍ଷୟିତ୍ରୀ ସବିତା ରାଉତ ଗ୍ରୀଷ୍ମପ୍ରବାହରେ ଅଂଶୁଘାତରୁ ସୁରକ୍ଷା ପାଇଁ ପ୍ରାଥମିକ ଉପଚାର କିଭଳି କରାଯିବା କଥା ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଇକୋ କ୍ଲବ ସଂଯୋଜକ ଶିକ୍ଷକ ସନ୍ତୋଷ କୁମାର ଜେନା ପ୍ରଚଣ୍ଡ ଗ୍ରୀଷ୍ମକୁ ନିୟନ୍ତ୍ରଣ କରିବା ପାଇଁ ବୃକ୍ଷରୋପଣର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ପରେ ପ୍ରଧାନ ଶିକ୍ଷୟିତ୍ରୀ ନାୟକଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସର ମଧ୍ୟରେ ଏବଂ ବାହାରେ ଦେବଦାରୁ, ତାଳ ପ୍ରଭୃତି ବିଭିନ୍ନ ବୃକ୍ଷର ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ସୁଜାତା ସାହୁ, ସାବିତ୍ରୀ ସାହୁ, ଆରତୀ ଖଟୁଆ, ଲକ୍ଷ୍ମୀ ନାୟକ, ଜୟନ୍ତୀ କୁମାରୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ସର୍ବଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମହେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।



ସ୍କୁଲରେ ପିଲାମାନେ ଚାରାରୋପଣ କରୁଛନ୍ତି।

# ରାଜକନିକାରେ ଖୋଲିଲା ଅସ୍ଥାୟୀ ପୋଲିସ ଚେକ୍ ପୋଷ୍ଟ

ରାଜକନିକା,୨୩।୪(ସଞ୍ଜୟ କୁମାର ଦାଶ)

ସାଧାରଣ ନିର୍ବାଚନ ଲକ୍ଷ୍ୟ କରି କେନ୍ଦ୍ରାପଡ଼ା ଜିଲା ପୋଲିସ ପ୍ରଶାସନ ନିଷ୍ପତ୍ତିକ୍ରମେ ରାଜକନିକା ଥାନା ଅଞ୍ଚଳ ବାଘବୁଦା ପଞ୍ଚାୟତ ଓସ୍ତିଆ ହନୁମାନ ଛକ ନିକଟରେ ଅସ୍ଥାୟୀ ପୋଲିସ ଚେକ ପୋଷ୍ଟ ସୋମବାର ସନ୍ଧ୍ୟାରେ ଖୋଲାଯାଇଛି। ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶକ୍ରମେ ରାଜକନିକା ଥାନା ଆଇଆଇସି ଦିଲୀପ୍ କୁମାର ଧଳଙ୍କ ତତ୍ତ୍ୱାବଧାନରେ ଏକ ଅସ୍ଥାୟୀ ପୋଲିସ ବର୍ଡର ଚେକ୍ ପୋଷ୍ଟ ଖୋଲିଛି। ଜିଲାର ଶେଷ ସୀମା ହେଉଥିବାରୁ ଏଠାରେ ଚେକ୍ ପୋଷ୍ଟଟି ସୁରକ୍ଷା ଦୃଷ୍ଟିରୁ ଅସାମାଜିକ କାର୍ଯ୍ୟକଳାପକୁ ରୋକିବାରେ ସହାୟକ ହେବ। ବର୍ତ୍ତମାନ ଏହା ୨୪ ଘଣ୍ଟିଆ ହିସାବରେ କାର୍ଯ୍ୟ କରିବ ବୋଲି ଆଇଆଇସି ଧଳ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏସ୍‌ଆଇ ତନ୍ମୟ କୁମାର ମହାନ୍ତି ଉପସ୍ଥିତ ଥିଲେ।

# ନୂତନ ମତଦାତା ସଚେତନତା ଶିବିର

ରାଜକନିକା, ୨୩।୪(ରବୀନ୍ଦ୍ର କୁମାର ଦାସ )

କେନ୍ଦ୍ରାପଡ଼ା ଜିଲା ଓ ବ୍ଲକ ନିର୍ବାଚନ ଅଧିକାରୀଙ୍କ ମିଳିତ ସହଯୋଗରେ ମଙ୍ଗଳବାର ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ନୂତନ ଭୋଟରଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜକନିକା ବିଡିଓ ପୃଥ୍ୱୀରାଜ ପରିଡ଼ା, କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ଡ଼ିଏସସି ରାଜୀବ ଲୋଚନ ବାଗ, ଡ଼ିଏସଏ ମୃତ୍ୟୁଞ୍ଜୟ ବେହେରା, ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ସୁରେଖା ରାଉତ, ରସାୟନ ବିଜ୍ଞାନ ମୁଖ୍ୟ ଡ. ଅଜୟ କୁମାର କୁଣ୍ଡ ଓ ବ୍ଲକ ସାମାଜିକ ସମୀକ୍ଷକ ସୁବ୍ରତ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ। ସେମାନେ ମହାବିଦ୍ୟାଳୟର ନୂତନ ଭୋଟରମାନଙ୍କ ନର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଓ ଶତ ପ୍ରତିଶତ ଭୋଟଦାନକୁ ସାବ୍ୟସ୍ତ କରିବା ନିମନ୍ତେ ବିଭିନ୍ନ ପ୍ରକାର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ପ୍ରଶ୍ନୋତ୍ତର ମାଧ୍ୟମରେ ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ ପ୍ରକାର ଟିପଣୀ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଶାସନ ପକ୍ଷରୁ ଜ୍ୟୋତି ପ୍ରକାଶ ଦାସ, ସୁଧାଂଶୁ ଶେଖର ଶତପଥୀ, ରଞ୍ଜିତ ପରିଡ଼ା ପରିଚାଳନା କରିଥିବାବେଳେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏଥିରେ ସହଯୋଗ କରିଥିଲେ।




ସଚେତନତା ଶିବିରରେ ପ୍ରଶାସନିକ ଅଧିକାରୀମାନେ।

# ଅଙ୍ଗୁଳାଇରୁ ବଗଗହଣ ବୈଜୟନ୍ତଙ୍କ ରୋଡ ଶୋ



ଭାଜପା ରୋଡ ଶୋରେ ବୈଜୟନ୍ତ ଓ ଦୁର୍ଗାପ୍ରସନ୍ନ।

ମହାକାଳପଡ଼ା,୨୩।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ସାଧାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ଦଳର ପ୍ରାର୍ଥୀ ପ୍ରଚାରକୁ ଜୋରଦାର କରିଛନ୍ତି। ଏହି ଅବସରରେ କେନ୍ଦ୍ରାପଡ଼ା ଲୋକ ସଭା ଭାଜପା ପ୍ରାର୍ଥୀ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଓ ମହାକାଳପଡା ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ଦୁର୍ଗା ପ୍ରସନ୍ନ ନାୟକ ଏକ ବିଶାଳ ରୋଡ ଶୋ ମଙ୍ଗଳବାର କରିଛନ୍ତି। ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ଛକଠାରୁ ଶୋଭାଯାତ୍ରା ବାହାରି କୁହୁଡ଼ି, ରାଜଗଡ, ଓଳିଆ, କୁମାରୁଣି, ଆଳାଇଲୋ, ଓରତ, ଦେଉଳି ପଡ଼ା, ମେରଦା, ରାମକଣି, ବିଜୟନଗର, ମାଳିଅଞ୍ଚ, କାନପୁର, ଏକଲପୁର, ରଡ଼ିଆ, କଂସାର, ତରପଦା, ବଗଗହଣଠାରେ ପହଞ୍ଚି ଥିଲା। ପରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଆଗାମୀ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗ୍ୟାରେଣ୍ଟିକୁ ନେଇ ଘରେ ଘରେ ପହଞ୍ଚାଇବାକୁ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଦେଶରେ ପରିବର୍ତ୍ତନ ହାୱାରେ ଦଳୀୟ ସଙ୍ଗଠନକୁ ପ୍ରତି ବୁଥ୍ ସ୍ତରରେ ଅଧିକ ମଜଭୁତ କରିବା ସହ ଭାଜପା ଭୋଟ ବୃଦ୍ଧି କରିବା ଉପରେ ପଣ୍ଡା ଗୁରୁତ୍ୱ ଦେଇଥିଲେ। ଏହି ରୋଡ ଶୋ'ରେ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତାମାନେ କେନ୍ଦ୍ର ସରକାରଙ୍କ ମୋଦିଙ୍କ ଗ୍ୟାରେଣ୍ଟି ନାରା ଦେଇଥିଲେ। ବିଭିନ୍ନ ସ୍ଥାନରେ ଉଭୟ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ରୋଡ ଶୋ'ରେ ଭାଜପାର ଜିଲା ସଭାପତି କିଶୋର ପଣ୍ଡା, ଉପସଭାପତି ସଞ୍ଜୟ କୁମାର ରଥ, ଯୁବ ନେତା ସୌଭାଗ୍ୟ ପରିଡ଼ା, ନାରୀନେତ୍ରୀ ଜାନକୀ ପ୍ରଧାନ, ସରୋଜ କୁମାର ସାହୁ, ବିକ୍ରମାଦିତ୍ୟ ସାହୁ, ପ୍ରଶାନ୍ତ ସେଠୀ, ସୁକାନ୍ତ କୁମାର ଦାଶଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ସାମିଲ ହୋଇଥିଲେ।

# ଜାତୀୟ ସ୍ମାରକୀ ଘୋଷଣା ପାଇଁ ଦାବି

ରାଜକନିକା,୨୩।୪
(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର ଦାସ)

ଅତ୍ୟାଚାରୀ ରାଜ ଶାସନରେ ଅତିଷ୍ଠ କନିକାର ପ୍ରଜାକୁଳକୁ ମୁକ୍ତିର ମନ୍ତ୍ର ଦେଇ କ୍ରାନ୍ତିର ଆହ୍ୱାନ ତୋଳି ପ୍ରଜାମେଳିର ନେତୃତ୍ୱ ନେଇ ଇଂରେଜ ପୋଲିସଙ୍କ ଗୁଳିରେ ପ୍ରାଣବଳି ଦେଇଥିବା ଅମର ଶହୀଦ ବାସୁ ସେଠୀ ଓ ବିଶୁନି ମଲୁଆଲଙ୍କ ୧୦୨ତମ ଆତ୍ମ ଉତ୍ସର୍ଗ ଦିବସରେ ମଙ୍ଗଳବାର କନିକାବାସୀ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଓଡ଼ିଶା ଅସହଯୋଗ ଆନ୍ଦୋଳନର ପ୍ରଥମ ଶହୀଦ କନିକାର ବରପୁତ୍ର ଦ୍ୱୟଙ୍କ ଆତ୍ମ ବଳିଦାନ ଦିବସରେ ରକ୍ତସ୍ନାତା କନିକାର ଅମା ଅନ୍ଧକାର ଯୁଗର ରକ୍ତିମ ଇତିହାସକୁ ମନେ ପକାଇ କନିକା ଶହୀଦ ସ୍ମୃତି ସଂସଦ ପକ୍ଷରୁ ବେବର୍ତ୍ତା ଶହୀଦ ସରୋବର ତଟରେ କନିକା ପ୍ରଜା ଆନ୍ଦୋଳନର ଅତୀତର ଇତିହାସକୁ ରୋମନ୍ଥନ କରିଛି। କନିକାର ସୁଯୋଗ୍ୟ ସନ୍ତାନ ଦ୍ୱୟଙ୍କ ଆତ୍ମ ବଳିଦାନ ସମ୍ପର୍କରେ ଉତ୍ତରପିଢିକୁ ପ୍ରେରଣା ଦେଇ ବିପ୍ଳବୀ ମାନସିକତାକୁ ବୁଦ୍ଧିମନ୍ତ କରିବା ଲାଗି ସ୍ମାରକୀକୁ ଜାତୀୟ ମାନ୍ୟତା ପାଇଁ ଦାବି କରାଯାଇଛି। ୧୯୮୦ ମସିହାରୁ ସ୍ମୃତି ସଂସଦ ପକ୍ଷରୁ ପାଳନ ହୋଇ ଆସୁଥିବା କନିକାବାସୀଙ୍କ ବୀରତ୍ୱକୁ ସାବାସୀ ଜଣାଇ ରାଜକନିକା ବ୍ଲକ ବିଡିଓ ପୃଥ୍ୱୀରାଜ ପରିଡା ବିପ୍ଳବୀ ଶହୀଦ ସ୍ତମ୍ଭରେ ମାଲ୍ୟାର୍ପଣ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରି ପୀଠର ବିକାଶ କାମନା କରିଥିଲେ।

ଇଂରେଜ ସରକାରଙ୍କ ଗୋଲାମ ସାଜିଥିବା ଅତ୍ୟାଚାରୀ କନିକା ଜମିଦାରଙ୍କ ବେଆଇନ ୬୪ ପ୍ରକାର କରରେ ଅତିଷ୍ଠ ଅଞ୍ଚଳବାସୀ ୧୯୨୨ ଏପ୍ରିଲ ୨୩ରେ କନିକା ଇଲାକାର ବେବର୍ତ୍ତା ସରୋବର ତଟରେ ଏକାଠି ହୋଇ ମେଳି ବାନ୍ଧିଥିଲେ। ଏହି ଖବର ପାଇ ପୋଲିସ ମେଳି ଭଙ୍ଗିବା ପାଇଁ ଗୁଳି ଚଳାଇ ଥିଲା। ପୋଲିସ ଗୁଳିରେ ବାସୁ ଓ ବିଶୁନି ଶହୀଦ୍ ହେବା ଭଳି ଘଟଣା ସାରା ଭାରତରେ ଆଲୋଡନ ସୃଷ୍ଟି କରିଥିଲା। କନିକା ଜମିଦାରଙ୍କ ଅତ୍ୟାଚାର କବଳରୁ ସାରା କନିକାକୁ ମୁକ୍ତ କରିବା ଲକ୍ଷ୍ୟରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ବାରମ୍ବାର ଅଞ୍ଚଳଗସ୍ତ ଓ ସଭା କରି ଆସୁଥିବା ବେଳେ ତେନ୍ତୁଳିକୋଳି ଗାଁର ବାସୁ ଓ ବର୍ତ୍ତନୀ ଗାଁର ବିଶୁନି ତେଜି ଉଠି ନିଜ ମା' ଓ ମାଟିର ଅସ୍ମିତାର ମୁକ୍ତି ପାଇଁ ଜୀବନ ହାରି ଥିଲେ। କନିକାର ଏହି ମହାନ୍ ଯୋଦ୍ଧାଙ୍କ ବଳିଦାନକୁ ମନେ ପକାଇ ବେବର୍ତ୍ତା ଶହୀଦ ସରୋବର ତଟରେ ସ୍ଥାପିତ ସ୍ମୃତି ସ୍ତମ୍ଭ ନିକଟରେ ସକାଳୁ ତିଳତର୍ପଣ, ରାମଧୁନ ସହ ପ୍ରଭାତଫେରୀ କରାଯାଇଥିଲା। କନିକା ଶହୀଦ ସ୍ମୃତି ସଂସଦ ପକ୍ଷରୁ ସଭାପତି ଦାମୋଦର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜକନିକା ବିଡିଓ ପରିଡା ଯୋଗଦେଇ ସଂଗ୍ରାମୀ କନିକାର ଅସ୍ମିତାକୁ ସାବାସୀ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଜ୍ୟୋସ୍ନାରାଣୀ ନାୟକ, ସଂସଦର ବରିଷ୍ଠ ସଭ୍ୟ କାଳିପ୍ରସାଦ ନାୟକ, ଲୋତକ ବିନ୍ଦୁ ଦାସ, ହରେକୃଷ୍ଣ ବାରିକ, ଧନେଶ୍ୱର ରାଉତ, ନବକିଶୋର ସୁତାର, ଖବରଦାତା ଶିବରାମ ଦାସ, ଗୁରୁଚରଣ ବେହେରା, ରାଜକନିକା ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଗୁଣନିଧି ବଳ, ସୁଦାମ ଦାସ, ରଞ୍ଜନ ସେଠୀ, ବିବେକାନନ୍ଦ ରାଉତରାୟ ପ୍ରମୁଖ ବାସୁ ବିଶୁନୀଙ୍କ ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈରାଗୀ ସାହୁ, ବିଧାନ ଦାସ, ସବିତା ବରଜ, ନୃସିଂହ ତରାଇ, ଶରତ ସେଠୀ, ଗୁରୁଚରଣ ଭୂୟାଁ, ରମାକାନ୍ତ ବେହେରା, ସିକୋ ସରପଞ୍ଚ ଗଙ୍ଗାଧର ବେହେରାଙ୍କ ସମେତ କନିକା ଅଞ୍ଚଳର ବିଭିନ୍ନ ସଙ୍ଗଠନ ଯୋଗ ଦେଇଥିଲେ। ସଂସଦର ସମ୍ପାଦକ ସୁକାନ୍ତ ଦାଶଙ୍କ ସଂଯୋଜନା ଓ ନେତାଜୀ କ୍ଲବ ତରାସର ସଦସ୍ୟଙ୍କ ସହ ଯୋଗରେ କାର୍ଯ୍ୟକ୍ରମ କରାଯାଇଥିଲା।

## କନିକା ପ୍ରଜା ଆନ୍ଦୋଳନର ଶହୀଦ ବାସୁ,ବିଶୁନିଙ୍କ ଆତ୍ମୋତ୍ସର୍ଗ ଦିବସ



ଶହୀଦ ସ୍ମୃତିସ୍ତମ୍ଭ ନିକଟରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

## ସଂକ୍ଷେପରେ

### ଚିକେନ ବ୍ୟବସାୟୀଙ୍କୁ ସଂଘବଦ୍ଧ ଆକ୍ରମଣ

ହିଞ୍ଜିଳିକାଟୁ, ୨୩।୪( ଦ୍ୱିତୀକୃଷ୍ଣ ପଣ୍ଡା):

ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ନନ୍ଦିକ ଗ୍ରାମରେ ଜଣେ ଚିକେନ ବ୍ୟବସାୟୀଙ୍କ ଉପରେ ୮ ଜଣ ସଂଘବଦ୍ଧ ଆକ୍ରମଣ କରି ମୋବାଇଲ ଓ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଯାଇଥିବା ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ନନ୍ଦିକ ଦାସସାହିର ଚିକେନ ବ୍ୟବସାୟୀ ଜଗା ଦାସ। ପ୍ରକାଶ ଯେ, ରବିବାର ରାତିରେ ଜଗା ଚିକେନ ଦୋକାନ ବନ୍ଦ କରୁଥିବା ବେଳେ ପୁଟିଆପଦର ଗାଁର ପ୍ରାୟ ୮ ଜଣ ଯୁବକ ଆସି ଚିକେନ ମାଗିଥିଲେ। ଜଗା ଏତେ ରାତିରେ ଚିକେନ ଦେବାକୁ ମନା କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସେମାନେ ଜଗାଙ୍କୁ ଗାଳି ଗୁଲଜ କରିବା ସହ ମୁଥ ଓ ଚାପୁଡ଼ା ମାରିଥିଲେ। ପରେ ସେମାନେ ବଳ ପୂର୍ବକ ଜଗାଙ୍କ ଦୋକାନ ଭିତରେ ପଶି ୧୦ ରୁ ୧୨ ହଜାର ଟଙ୍କା ଓ ଜଗାଙ୍କ ମୋବାଇଲକୁ ଜୋର୍ ଜବରଦସ୍ତି ନେଇଯାଇଥିଲେ। ଜଗାଙ୍କ ବାଇକକୁ ଲୁହା ରଡ଼ରେ ପିଟି ଭାଙ୍ଗି ଦେଇଛନ୍ତି। ଏ ନେଇ ଜଗା ଦାସ ହିଞ୍ଜିଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଆଶଙ୍କା

ଧରାକୋଟ,୨୩।୪ (ବିଷ୍ଣୁକେଶରୀ ଆଚାର୍ଯ୍ୟ):

ଧରାକୋଟ ବ୍ଲକ ଖାଡ଼ବନ୍ଧ ପଞ୍ଚାୟତର ପଣିବନ୍ଧ ଗ୍ରାମର ମୋଚିଆ ବିଷୋୟୀଙ୍କ ପୁଅ ଶିବରାମ ବିଷୋୟୀଙ୍କର ମଙ୍ଗଳବାର ଅଂଶୁଘାତ ଜନିତ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଇଛି। ସକାଳ ୧୦ଟା ସମୟରେ ଶିବରାମ ସାଇକେଲ ଯୋଗେ ନିକଟସ୍ଥ ଜାହାଡା ଗ୍ରାମକୁ ଯାଉଥିବା ବେଳେ ରାସ୍ତାରେ ଟଳି ପଡ଼ିଥିଲେ। ଖବର ପାଇ ତାଙ୍କ ପରିବାର ଲୋକେ ତାଙ୍କୁ ଘରକୁ ନେଇଥିଲେ। ଏହା ଏକ ଅଂଶୁଘାତଜନିତ ମୃତ୍ୟୁ ସନ୍ଦେହ କରାଯାଉଥିଲେ ମଧ୍ୟ ତାଙ୍କ ପରିବାର ଲୋକେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର କୁ ନେଇନଥିଲେ ।

### ବିଜେଡିର ସାଙ୍ଗଠନିକ ବୈଠକ

ଧରାକୋଟ,୨୩।୪ (ବିଷ୍ଣୁକେଶରୀ ଆଚାର୍ଯ୍ୟ):

ଧରାକୋଟ ବ୍ଲକ ବିଜୁ ଜନତା ଦଳ ତରଫରୁ ଛାମୁଆ କର୍ମୀମାନଙ୍କୁ ନେଇ ଏକ ସାଂଗଠନିକ ବୈଠକ ଧରାକୋଟ ରାଜବାଟି ପରିସରରେ ଅନୁଷ୍ଠିତ ହୋଇଯାଇଛି । ସାନଖେମୁଣ୍ଡି ଆସନର ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ,ବର୍ତ୍ତମାନର ବିଜେଡି ପ୍ରାର୍ଥୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀ ବୈଠକରେ ଉପସ୍ଥିତ ରହି ଦଳୀୟ ସଂଗଠନକୁ ଆଗକୁ ନେବା ପାଇଁ ବିଚାରବିମର୍ଶ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସଚେତନତା ବାର୍ତ୍ତା ସମଗ୍ର ବ୍ଲକ ଅଞ୍ଚଳରେ ପହଞ୍ଚାଇ ବିଜୁ ଜନତା ଦଳ ସପକ୍ଷରେ ଯେପରି ଅଧିକ ମତଦାନ ହେବ ସେଥିପାଇଁ ଉଦ୍ୟମ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ବୁଥ ସ୍ତରରେ ମତଦାନ ବୃଦ୍ଧି ପାଇଁ ୱାର୍ଡସ୍ତରରେ କମିଟି ଗଠନ ପାଇଁ ଗୁରୁତ୍ୱ ଆରୋପ କରାଯାଇଥିଲା । ଏଥିରେ ଧରାକୋଟ ର ଛାମୁଆ ଓ ବରିଷ୍ଠ କର୍ମୀମାନେ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିଥିଲେ।

### କଂଗ୍ରେସ ଛାଡ଼ିଲେ ପୂର୍ବତନ ଜିଲା ସମ୍ପାଦକ

ମୋହନା,୨୩।୪(ମନ୍ମଥ ମିଶ୍ର)



ଗଜପତି ଜିଲା ମୋହନା ବ୍ଲକର କଂଗ୍ରେସ ଜିଲା ସମ୍ପାଦକ ହରପ୍ରସାଦ ମିଶ୍ର କଂଗ୍ରେସରୁ ପ୍ରାଥମିକ ସଦସ୍ୟ ସହ ସମସ୍ତ ଦାୟିତ୍ୱ ମୁକ୍ତ କରିବା ପାଇଁ ରାଜ୍ୟ ସଭାପତି ଶରତ ପଟ୍ଟନାୟକଙ୍କୁ ଲିଖିତ ଚିଠି କରିଛନ୍ତି। ହରପ୍ରସାଦ ମିଶ୍ର ଦୀର୍ଘ ୨୦ ବର୍ଷ ହେବ ମୋହନା ନିର୍ବାଚନମଣ୍ଡଳୀର କଂଗ୍ରେସ କର୍ମୀଙ୍କୁ ଏକତ୍ରିତ କରି ଏକ ସଙ୍ଗଠନ କରି ଆସୁଥିଲେ। ଦଳରେ ଗତ ୨୦୦୭ଠାରୁ ୨୦୧୨ ଯାଏ କଂଗ୍ରେସର ଜିଲା ସମ୍ପାଦକ ଭାବେ କାର୍ଯ୍ୟ କରି କଂଗ୍ରେସ ଦଳର ଆଗଧାଡ଼ିର ସକ୍ରିୟକର୍ମୀ ଏବଂ ଚଳିତ ସାଧାରଣ ନିର୍ବାଚନରେ ଗଞ୍ଜାମ ଜିଲା ସୋରଡ଼ା ବିଧାୟକ ଆଶାୟୀ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। କିନ୍ତୁ ଦଳରେ ତାଙ୍କୁ ଅଣଦେଖା କରିବା ସହିତ ତାଙ୍କୁ କୌଣସି ଦାୟିତ୍ୱ ଦିଆଯାଇ ନ ଥିଲା। ଫଳରେ ମଙ୍ଗଳବାର ପ୍ରାଥମିକ ସଦସ୍ୟରୁ ଇସ୍ତଫା ପତ୍ର ଗଜପତି ଜିଲା ସଭାପତିଙ୍କ ଜରିଆରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଦେଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଆଜି ହିଞ୍ଜିଳିରୁ ପ୍ରଚାର ଆରମ୍ଭ କରିବେ ନବୀନ

## ଏଥର ଯୋଡ଼ି ଶଙ୍ଖ ପ୍ରଚାର, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି



ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର ପାଇଁ ପ୍ରସ୍ତୁତି।

ହିଞ୍ଜିଳିକାଟୁ/ଶେରଗଡ଼ ୨୩।୪ (ଦ୍ୱିତୀକୃଷ୍ଣ ପଣ୍ଡା/ସୂର୍ଯ୍ୟନାରାୟଣ ଦାଶ):

ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ବୁଧବାର ନିଜ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିରୁ ନିର୍ବାଚନ ପ୍ରଚାର ଆରମ୍ଭ କରିବେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ହିଞ୍ଜିଳିକାଟୁ ବ୍ଲକ ସମରଝୋଳ ଛକ ଓ ଶେରଗଡ଼ ବସଷ୍ଟାଣ୍ଡ ନିକଟରେ୨ଟି ଦଳୀୟ ସଭାରେ ଉଦବୋଧନ ଦେବେ। ଅନ୍ୟ ପକ୍ଷରେ ନବୀନଙ୍କ ଏହି ନିର୍ବାଚନ ପ୍ରଚାର ଗସ୍ତକୁ ନେଇ ଦଳୀୟ ନେତା ଓ କର୍ମୀଙ୍କ ମହଲରେ ଉତ୍ସାହ ସୃଷ୍ଟି ହୋଇଛି। ପ୍ରତ୍ୟେକ ସଭାରେ ଅଧିକରୁ ଅଧିକ ସଂଖ୍ୟାରେ ଜନସମାଗମ ନିମନ୍ତେ ନେତା ଓ କର୍ମୀମାନେ ଲାଗି ପଡିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ବିଜେଡ଼ି ନେତା ଭି.କେ ପାଣ୍ଡିଆନ ମଧ୍ୟ ସଭାରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏଥିସହ ଆସିକା ଏମପି ପ୍ରାର୍ଥିନୀ ରଞ୍ଜିତା ସାହୁଙ୍କ ସମେତ ଜିଲ୍ଲାର ବହୁ ପ୍ରାର୍ଥୀ, ପ୍ରାର୍ଥିନୀ ଓ ନେତା ଉପସ୍ଥିତ ରହିବେ। ଉଭୟ କାର୍ଯ୍ୟକ୍ରମ ନିମନ୍ତେ ସଭାସ୍ଥଳରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ପୋଲିସ ଉଚ୍ଚ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି। ସଭାରେ ଦଳର ପ୍ରଚାର ପ୍ରସାର ସୁବନ୍ଦୋବସ୍ତ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ବିଜେଡ଼ି ସଭାପତି ସୁରେନ୍ଦ୍ର ପ୍ରଧାନ, ଡି. ବିଶ୍ୱନାଥ, ଯୁବ ବିଜେଡ଼ି ସଭାପତି ସନ୍ତୋଷ ପଟ୍ଟନାୟକ, ସଞ୍ଜୟ ପଣ୍ଡା, ନୀଳମଣି ପଟ୍ଟନାୟକ ପ୍ରମୁଖଙ୍କ ସହ ବରିଷ୍ଠ ନେତାମାନେ ତଦାରଖ କରୁଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ଏଥର ଯୋଡ଼ି ଶଙ୍ଖ ଅର୍ଥାତ ଗୋଟିଏ ଏମଏଲଏ ଓ ଅନ୍ୟଟି ଏମପି ପାଇଁ ସୋସିଆଲ ମିଡିଆରେ ବେଶ ଟ୍ରେଡିଂ ହୋଇଛି। ତେଣୁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ହିଞ୍ଜିଳିରୁ ଯୋଡି ଶଙ୍ଖରେ ଭୋଟ ପ୍ରଚାର ଆରମ୍ଭ ବେଶ ପ୍ରଭାବ ବିସ୍ତାର କରିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ହିଞ୍ଜିଳିକାଟୁ ନଗର ଯୁବ ବିଜେଡ଼ି ସଭାପତି ସଞ୍ଜୟ ପଣ୍ଡା କହିଛନ୍ତି। ମୁଖ୍ୟମନ୍ତ୍ରୀ ବୁଧବାର ଦିନ ୧୧ଟା ୧୫ରେ ଶେରଗଡ ଆସିକା ରାସ୍ତାରେ ଅସ୍ଥାୟୀ ହେଲିପେଡରେ ଅବତରଣ କରି ଏକ ସାଧାରଣ ସଭାରେ ଯୋଗଦେବେ। ଏହା ତାଙ୍କର ରାଜନୈତିକ ଗସ୍ତ ହୋଇଥିବା ଯୋଗୁଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ହେଲିପେଡ ସ୍ଥଳ, ମଞ୍ଚସ୍ଥଳ, ଲୋକମାନଙ୍କର ବସିବା ସ୍ଥାନ, ଟ୍ରାଫିକ ନିୟନ୍ତ୍ରଣ ଆଦି ବ୍ୟବସ୍ଥା କରାଯାଇଛି। ଦକ୍ଷିଣାଞ୍ଚଳ ଆଇଜି ଜୟନାରାୟଣ ପଙ୍କଜ, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ସଭାସ୍ଥଳରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଛନ୍ତି।

# ଘରେ ପଶି ବାପା, ପୁଅକୁ ହାଣିଲେ

ହିଞ୍ଜିଳିକାଟୁ, ୨୩।୪(ଦ୍ୱିତୀକୃଷ୍ଣ ପଣ୍ଡା):

ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅନ୍ତର୍ଗତ ମୋହନାପଲୀ ଗାଁରେ ୩ ଜଣ ବ୍ୟକ୍ତି ଜଣକ ଘରେ ପଶି ବାପା ଓ ପୁଅକୁ କାତିରେ ହାଣି ଲହୁ ଲୁହାଣ କରିଛନ୍ତି। ପଡ଼ୋଶୀ ଆସିଯିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ପଳାଇ ଯାଇଛନ୍ତି। ଏ ନେଇ ଆହତ ସଞ୍ଜୟ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ସଞ୍ଜୟ ତାଙ୍କ ବଡ଼ଭାଇଙ୍କ ପ୍ରରୋଚନାରେ ଏପରି କାଣ୍ଡ ଦୁର୍ବୃତ୍ତମାନେ ଘଟାଇଥିବା ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ରବିବାର ରାତି ୯ରେ ଗଞ୍ଜାମ ଜିଲା ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଗୁରୁଣ୍ଟି ଗାଁର ୩ଜଣ ବ୍ୟକ୍ତି ହିଞ୍ଜିଳି ଥାନା ଅନ୍ତର୍ଗତ ମୋହନାପଲୀ ଗାଁର ସଞ୍ଜୟ ବେହେରାଙ୍କ ଘର ଭିତରେ ପଶିଥିଲେ। କାତି, ଛୁରି, ଠେଙ୍ଗା ଧରି ଦୁର୍ବୃତ୍ତମାନେ ସଞ୍ଜୟଙ୍କ ବାପା ଗୋପୀନାଥଙ୍କ ଉପରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସଞ୍ଜୟ ବାପାଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିଲେ। ଦୁର୍ବୃତ୍ତମାନେ ସଞ୍ଜୟଙ୍କ ମୁଣ୍ଡକୁ ଛୋଟ ପକାଇଥିଲେ। ପାଟିତୁଣ୍ଡ ଶୁଣି ପଡ଼ୋଶୀ ରୁଣ୍ଡ ହୋଇଯିବାରୁ ଦୁର୍ବୃତ୍ତମାନେ ଧମକ ଦେଇ ଘଟଣାସ୍ଥଳରୁ ପଳାଇଯାଇଥିଲେ। ଗୋପୀନାଥଙ୍କ ପିଠି ଓ ସଞ୍ଜୟଙ୍କ ମୁଣ୍ଡରେ ଆଘାତ ଲାଗିଛି। ଚିକିତ୍ସା ପରେ ସଞ୍ଜୟଙ୍କ ଅଭିଯୋଗ କ୍ରମେ ସୋମବାର ହିଞ୍ଜିଳି ଥାନାରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି।

# କାଇଁଚପୁର ପଞ୍ଚାୟତରେ ବିଜେଡିର ସାଙ୍ଗଠନିକ ବୈଠକ



ବିଜେଡିର ସାଙ୍ଗଠନିକ ବୈଠକ।

ଗଞ୍ଜାମ,୨୩।୪(ବିଦ୍ୟାଧର ସାହୁ)

ଛତ୍ରପୁର ନିର୍ବାଚନମଣ୍ଡଳୀ ତଥା ଗଞ୍ଜାମ ବ୍ଲକ କାଇଁଚପୁର ପଞ୍ଚାୟତରେ ବିଜେଡିର ସାଙ୍ଗଠନିକ ବୈଠକ ବାଲି ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛତ୍ରପୁର ବିଧାୟକ ତଥା ଛତ୍ରପୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଆର ଭାଗ୍ୟ ରେଡ୍ଡୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଦଳୀୟ ସାଙ୍ଗଠନିକ ସଭାରେ ବିଧାୟକଙ୍କ ବିପକ୍ଷ ଓ ସପକ୍ଷ ଗୋଷ୍ଠୀ ଉପସ୍ଥିତ ଥିଲେ। ଫଳରେ ବିଧାୟକ ପ୍ରାର୍ଥୀ ବେହେରାଙ୍କ ହାତ ମୁଠା ଟାଣ ହୋଇଥିବା ଆଲୋଚନା ହୋଇଛି। ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ଉକ୍ତ ପଞ୍ଚାୟତର ଏକ ଗୋଷ୍ଠୀ ବିଧାୟକଙ୍କୁ ବିରୋଧ କରି ଆସୁଥିଲେ। ବର୍ତ୍ତମାନ ଦଳ ପାଇଁ ସମସ୍ତେ ଏକାଠି ହୋଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ମତ ପ୍ରକାଶ ପାଇଥିଲା। କାଇଁଚପୁର ପଞ୍ଚାୟତରେ ୯୦ ପ୍ରତିଶତ ଭୋଟ ବିଜେଡିର ଶଙ୍ଖଚିହ୍ନକୁ ଯିବ ବୋଲି ପୂର୍ବତନ ଉପାଧ୍ୟକ୍ଷ ରେଡ୍ଡୀ ସୂଚନା ଦେଇଛନ୍ତି। ଏଥିରେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ନାରାୟଣ ଜେନା ସମିତି ସଭ୍ୟ ଜୟ କୃଷ୍ଣ ରେଡ଼ି, ପୂର୍ବତନ ସରପଞ୍ଚ ମଧୁସୂଦନ ବେହେରା, ପୂର୍ବତନ ସମିତି ଶ୍ରୀଧର ରେଡ଼ି, ରାମ ମହାପାତ୍ର ସମିତି ପାର୍ଥି ଘନଶ୍ୟାମ ରେଡ଼ି, ଜିଲା ପରିଷଦ ସଭ୍ୟ ସନାତନ ବେହେରା, କାଇଁଚପୁର ସରପଞ୍ଚ ଆର ଚନ୍ଦନା ରେଡ୍ଡୀ, ପୂର୍ବତନ ସରପଞ୍ଚ ଗୋବିନ୍ଦ ରେଡ୍ଡୀ, ବାଲି ଲୋକନାଥ ମନ୍ଦିର ପରିଚାଳନା କମିଟି ସଭାପତି ବି ବନମାଳୀ, ମାସେନୁ ରେଡ୍ଡୀଉପସ୍ଥିତ ଥିଲେ।

# ସ୍ୱାଧୀନ ଓ ସିପିଆଇ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ଛତ୍ରପୁର, ୨୩।୪ (ଦିଲ୍ଲୀପ ସାମଲ):

ବ୍ରହ୍ମପୁର ବିଧାନସଭା ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ ବ୍ରହ୍ମାନନ୍ଦ ତ୍ରିପାଠୀ ମଙ୍ଗଳବାର ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ସାହୁଙ୍କ ନିକଟରେ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସମର୍ଥକମାନଙ୍କ ଗହଣରେ ଆସି ସେ ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି ବ୍ରହ୍ମପୁର ଲୋକ ସଭା ଆସନ ନିମନ୍ତେ ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକର ପ୍ରାର୍ଥୀ ସନ୍ତୋଷ କୁମାର ସାହୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତାଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି ବାଇକ ଶୋଭାଯାତ୍ରାରେ ଆସି ନାମାଙ୍କନ ପତ୍ର ଦାଖଲ କଲେ ସିପିଆଇ ପାର୍ଟିର ଛତ୍ରପୁର ବିଧାନସଭା ପ୍ରାର୍ଥୀ ଗୁରୁନାଥ ପ୍ରଧାନ। ଲାଲଗଡ଼ ଭାବେ ପରଚିତ ଛତ୍ରପୁର ନିର୍ବାଚନ ମଣ୍ଡଳୀ ଫେରାଇ ଆଣିବା ପାଇଁ ଗୁରୁନାଥ ପ୍ରଧାନଙ୍କୁ ବିଧାୟକ ପ୍ରାର୍ଥୀ କରାଯାଇଥିବା ଯୋଗୁ ଦଳୀୟ ନେତା ଓ କର୍ମୀଙ୍କ ମହଲରେ ଉତ୍ସାହ ଦେଖାଦେଇଛି। ସ୍ଥାନୀୟ ଅପରବସଷ୍ଟାଣ୍ଡ ଠାରୁ ଗୁରୁନାଥଙ୍କ ଶତାଧିକ ଦଳୀୟ ନେତା ଓ କର୍ମୀ ବାଇକ ଶୋଭାଯାତ୍ରାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଛନ୍ତି।। ଏହି ଶୋଭାଯାତ୍ରାରେ ସିପିଆଇ ଜାତୀୟ ନେତା ରାମକୃଷ୍ଣ ପଣ୍ଡା ଓ ଆଶିଷ କାନୁନଗୋ, ରାଜ୍ୟ ନେତା ଜୟନ୍ତ ଦାସ ଓ ପ୍ରଶାନ୍ତ କୁମାର ପାଟଯୋଶୀ, ଗଞ୍ଜାମ ଜିଲ୍ଲା ସମ୍ପାଦକ ପ୍ରକାଶ ପାତ୍ର, ଜିଲ୍ଲା ସହ ସମ୍ପାଦକ ନୀଳକଣ୍ଠ ଦାଶ, ଅଖିଳ ଭାରତ ଯୁବସଂଘର ରାଜ୍ୟ ସହ ସମ୍ପାଦକ କାମଦେବ ନାହାକ, ଚମାଖଣ୍ଡି ଜୋନାଲ ସମ୍ପାଦକ ସିଏଚ ଜନାର୍ଦ୍ଦନ ରେଡ୍ଡୀ, ଛତ୍ରପୁର ଜୋନାଲ ସମ୍ପାଦକ ଡି. ଆଦିନାରାୟଣ ରେଡ୍ଡୀ, ଗଞ୍ଜାମ ଜୋନାଲ ସମ୍ପାଦକ ଦଣ୍ଡପାଣି ପାତ୍ର, ମାଗୁଣି ବିଷୋୟୀ, ମଥୁରା ସୁବୁଦ୍ଧି, ଏନ. ମୁନାପାତ୍ର, ଏନ. ଗିରିଜା ପ୍ରସାଦ ରେଡ୍ଡୀ, କୈଳାଶ ପଲାଇ, ଏସ. କ୍ରିଷ୍ଣା ରେଡ୍ଡୀ, କେଶବ ନାହାକ, ରାଜେନ୍ଦ୍ର ନାହାକ, ଦୁର୍ଯ୍ୟୋଧନ ପରିଡାଙ୍କ ସମେତ ହଜାରୁ ଉର୍ଦ୍ଧ୍ୱ ନେତା ଓ କର୍ମୀ ସାମିଲ ଥିଲେ।

# ଇନ୍‌ଡୋର ଷ୍ଟାଡିୟମ ସୁରକ୍ଷା କର୍ମୀଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

ଜି.ଉଦୟଗିରି,୨୩।୪ (ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଶ୍ରୀରାମପଦା ବିଜୁ ପଟ୍ଟନାୟକ ବହୁମୁଖୀ ଷ୍ଟାଡିୟମରେ ଜଣେ କାର୍ଯ୍ୟରତ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପ୍ରଶାନ୍ତ ପ୍ରଧାନ (୪୫) ପେଟାପାଙ୍ଗା ଗ୍ରାମ ନିବାସୀ। ସେ ଅଢେଇ ମାସ ହେବ ଏକ ଠିକା ସଂସ୍ଥା ପକ୍ଷରୁ ବହୁମୁଖୀ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ଠାରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ହେଲେ ତାଙ୍କର ରାତିରେ ଡ୍ୟୁଟି ଥିବା ବେଳେ ତାଙ୍କ ସହ ତାଙ୍କ ଭଣଜା ରାତିରେ ମିଶି ଶୋଇଥିଲେ। କିନ୍ତୁ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ଖବର ଜଣାପଡ଼ିଥିଲା। ତାଙ୍କ ପରିବାର ଲୋକ ପହଞ୍ଚିବା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଶାନ୍ତଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ବିବାହିତ ଅଟନ୍ତି ଓ ତାଙ୍କର ଗୋଟିଏ ସନ୍ତାନ ମଧ୍ୟ ଅଛି। ତେବେ କେଉଁ କାରଣରୁ ମୃତ୍ୟୁ ଘଟିଛି ତାହା ଅସ୍ପଷ୍ଟ ରହିଛି। ପରିବାର ପକ୍ଷରୁ ମୃତକଙ୍କ ପିତା ସ୍ଥାନୀୟ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଜି.ଉଦୟଗିରି ପୋଲିସ ଅପମୃତ୍ୟୁ ମାମଲା ୪/୨୪ ଅନୁଯାୟୀ ଘଟଣାର ତଦନ୍ତ ଚଳାଇଛି।

# ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ନାକ୍ ସମ୍ବନ୍ଧୀୟ କର୍ମଶାଳା

ଛତ୍ରପୁର,୨୩।୪(ସନ୍ତୋଷ ପାଢ଼ୀ):

ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ଆଇକ୍ୟୁଏସି ଆନୁକୂଲ୍ୟରେ ନାକ ସମ୍ବନ୍ଧୀୟ କର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ଅଧିକାରୀ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଯୋଗଦାନ କରି ନାକ ଗ୍ରେଡ଼ର ଆବଶ୍ୟକତା ଓ ଏହା ପ୍ରତ୍ୟେକ ମହାବିଦ୍ୟାଳୟ କାହିଁକି ଲାଭ କରିବା ଉଚିତ ଏହି ସମ୍ବନ୍ଧରେ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ବୁଝାଇ କହିଥିଲେ। ଏହି କର୍ମଶାଳାରେ ଶଶୀଭୂଷଣ ରଥ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ଡ. ଭରତଶ୍ରବ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ନାକ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ପଦାର୍ଥବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ପ୍ରଦ୍ୟୁମ୍ନ ମଢେଇ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡଃ ପିଙ୍କିରାଣୀ ଦେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଆଇକ୍ୟୁଏସି ସଂଯୋଜକ ଡଃ ଲକ୍ଷ୍ମୀ ନାରାୟଣ ସାହୁ ମହାବିଦ୍ୟାଳୟର ଆଗାମୀ ନାକ ସମ୍ବନ୍ଧୀୟ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନର ସହକାରୀ ଅଧ୍ୟାପିକା ରାଜବାଳା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ସମସ୍ତ କର୍ମଚାରୀ ଯୋଗଦାନ କରି ନାକ ସମ୍ବନ୍ଧରେ ପ୍ରେରିତ ଓ ଉତ୍ସାହିତ ହୋଇଥିଲେ।

# ଧରାକୋଟରେ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ

ଧରାକୋଟ,୨୩।୪ (ବିଷ୍ଣୁକେଶରୀ ଆଚାର୍ଯ୍ୟ):

ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧରାକୋଟଠାରେ ବ୍ଲକସ୍ତରୀୟ ଭାରତୀୟ ଜନତା ପାର୍ଟିର କାର୍ଯ୍ୟାଳୟ ଆସିକା ଲୋକସଭା ପ୍ରାର୍ଥିନୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ଓ ସାନଖେମୁଣ୍ଡି ଆସନର ବିଧାୟକ ପ୍ରାର୍ଥୀ ଉତ୍ତମ ପାଣିଗ୍ରାହୀ ମିଳିତ ଭାବରେ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ବ୍ରହ୍ମପୁରର ପୂର୍ବତନ ମେୟର ପ୍ରାର୍ଥିନୀ ସବିତା ସୁଆର, ମଣ୍ଡଳ ସଭାପତି ୟୁ ପାପାରାଓ, ଡ଼ା. ସୁଧାଂଶୁ ଶେଖର ପାଣିଗ୍ରାହୀ, ରଘୁନାଥ ସାମନ୍ତରାୟଙ୍କ ସମେତ ସଂଖ୍ୟାଧିକ କର୍ମୀ ଉପସ୍ଥିତ ଥିଲେ। ଏହାପରେ ଏକ ବାଇକ ଶୋଭାଯାତ୍ରା ୨୯ ନମ୍ବର ଜୋନ ଅନ୍ତର୍ଗତ ଧରାକୋଟ, ମୁଣ୍ଡମରାଇ, ସରଧାପୁର, ଢ଼ଉଗାଁ, ରେଡ୍ଡୀ ଦାମୋଦର ପଲ୍ଲୀ ପଞ୍ଚାୟତର ଚରିଛକ, ଜାନବିଲି, ଗଡଦାମୋଦର ପଲ୍ଲୀ, ତାଳ ପାଟଣା, ହନୁମାନଦାର, ଭଣ୍ଡାରିବସା, ସରଧାପୁର, ବରିଗୁଡ଼ା, କୁସରାବ, ଲକ୍ଷ୍ମୀପୁର, କଇଁଠିରା, ପଙ୍କଲବାଡି, ବାହାଡ଼ାଗୁଡା, ସୁନାମୋହି, ଘଷିବିଲି, କମାଶାସନ ପ୍ରଭୃତି ଗାଁ ପରିଦର୍ଶନ କରି କେନ୍ଦ୍ରର ମୋଦି ଗ୍ୟାରେଣ୍ଟି ଓ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇ ଭାଜପାକୁ ଭୋଟ ଦେବାକୁ ଅନୁରୋଧ କରିଥିଲେ।

# ଆରମ୍ଭ ହେଲା ବିଜେଡିର ପ୍ରଚାର ଅଭିଯାନ



କର୍ମୀଙ୍କ ଗହଣରେ ବିଧାୟିକା ପ୍ରାର୍ଥୀ ।

ଆସିକା, ୨୩।୦୪ (ସୁରେନ୍ଦ୍ର ନାଥ ସାହୁ):

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଆସିକା ବ୍ଲକର ଚଢିଆପଲ୍ଲୀ ପଞ୍ଚାୟତରୁ ମଙ୍ଗଳବାର ବିଜେଡିର ପ୍ରଚାର ଅଭିଯାନ ଆରମ୍ଭ ହୋଇଛି। ଆସିକା ବିଧାୟିକା ତଥା ଦଳିୟ ପ୍ରାର୍ଥୀ ମଂଜୁଳା ସ୍ୱାଇଁ ଦଳିୟ କର୍ମୀଙ୍କ ଗହଣରେ ଶୈବପୀଠ ଚନ୍ଦ୍ରକନ୍ଲେଶ୍ୱରଙ୍କଠାରେ ବିଧିବଦ୍ଧ ପୂଜାର୍ଚ୍ଚନା ଦଳିୟ କର୍ମୀଙ୍କ ଗହଣରେ ଏହି ପ୍ରଚାର ଆରମ୍ଭ କରିଥିଲେ। ପ୍ରଥମ ଦିବସରେ ଚଢିଆପଲ୍ଲୀ ପଞ୍ଚାୟତର ଚଢିଆପଲ୍ଲୀ, ତୁମ୍ବାଠେଙ୍ଗାପଲ୍ଲୀ, ରାଇସିଂପୁର ଶାସନ ଓ ଫୁଲସରପଲ୍ଲୀ ଗ୍ରାମରେ ବୁଲି ପଥପ୍ରାନ୍ତ ସଭାମାନଙ୍କରେ ଉଦବୋଧନ ଦେଇଥିଲେ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟର ବିଜେଡି ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ନିମନ୍ତେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଆସିକା ଲୋକସଭା ଆସନର ପ୍ରାର୍ଥୀ ରଞ୍ଜିତା ସାହୁ ଓ ବିଧାୟିକା ପ୍ରାର୍ଥୀ ମଂଜୁଳା ସ୍ୱାଇଁଙ୍କୁ ବିପୁଳ ଭୋଟରେ ବିଜୟ କରିବା ସହ ନବୀନବାବୁଙ୍କୁ ଷଷ୍ଠଥର ଲାଗି ମୁଖ୍ୟମନ୍ତ୍ରୀ ପଦରେ ବସାଇ ଏହି ବିକାଶର ଧାରାକୁ ଅଧିକ ଗତିଶୀଳ କରିବା ଲାଗି ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ, ଭବାନୀଶଙ୍କର ମଲିକ, ଦିଲ୍ଲୀପ ପାଣିଗ୍ରାହୀ, ଭଗବାନ ସାହୁ, ଶିବ ନାହାକ, ମନୋଜ କୁମାର ଦୋରା, ଅଜିତ ଚୌଧୁରୀ, ରାଜେଶ ପଟ୍ଟନାୟକ, ରଶ୍ମିତା ସେନାପତୀ, ସୁରେଶ କୁମାର ପାତ୍ର, ସନ୍ତୋଷ ନାହାକ, ବିଜୟ ନାହାକ, ନନ୍ଦ କୁମାର ବିଷୋୟୀ, ଟୁଲୁ ଜେନାଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ଆଗଧାଡିର ନେତା ସାମିଲ ଥିଲେ ।

# ମା’ ତାରାତାରିଣୀଙ୍କ ଚୈତ୍ରଯାତ୍ରା ଉଦ୍‌ଯାପିତ

ପୁରୁଷୋତ୍ତମପୁର,୨୩।୪(ସୀମାଞ୍ଚଳ ମିଶ୍ର)

## ଆଦିଶକ୍ତି ବେଶରେ ଦର୍ଶନ ଦେଲେ ଦୁଇ ଭଉଣୀ



ଆଦିଶକ୍ତି ବେଶରେ ମା’ ତାରାତାରିଣୀ।

ଗଞ୍ଜାମ ଜିଲାର ପ୍ରସିଦ୍ଧ ଆରାଧ୍ୟ ଇଷ୍ଟଦେବୀ ମା’ ତାରାତାରିଣୀଙ୍କ ଚୈତ୍ରଯାତ୍ରାର ଉଦ୍‌ଯାପନ ଘଟିଛି। ଶେଷ ମଙ୍ଗଳବାର ପାଳିରେ ମା’ ତାରାତାରିଣୀ ଦୁଇଭଉଣୀ ଆଦିଶକ୍ତି ବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମା’ଙ୍କୁ ଏହି ଚୈତ୍ରମାସର ଶେଷ ଦର୍ଶନ କରି ଭକ୍ତମାନେ ନିଜ ନିଜର ଶୁଭ ମନାସୀ ପୁଣି ଆରବର୍ଷକୁ ଅପେକ୍ଷା କରିଛନ୍ତି। ଶେଷ ମଙ୍ଗଳବାର ସହ ଚୈତ୍ର ପୂର୍ଣ୍ଣିମା ହେତୁ ଭକ୍ତଙ୍କ ପ୍ରବଳ ସମାଗମ ରହିଥିଲା। ବହୁ ଦୂରଦୂରାନ୍ତରୁ ଭକ୍ତମାନେ ମା’ଙ୍କୁ ଦର୍ଶନ କରିବା ନିମନ୍ତେ ମନ୍ଦିରକୁ ଛୁଟି ଆସିଥିଲେ। ମନସ୍କାମନା ପୂରଣ ହେବା ଲାଗି ମାନସିକଧାରୀ ନିଜ ନିଜ ଶିଶୁଙ୍କର ମୁଣ୍ଡନ କରିଥିଲେ। ଏହି ପାଳିରେ ଭୋର ୪.୩୦ରୁ ମନ୍ଦିର ଦ୍ୱାର ଫିଟାଯାଇ ପରମ୍ପରା ଅନୁସାରେ ମଙ୍ଗଳ ଆଳତି, ଅବକାଶ, ମାଜଣା, ସିଙ୍ଗାର, ଅଭିଷେକ ଆଦି ନୀତିକାନ୍ତିରେ ବିଭିନ୍ନ ପୂଜାର୍ଚ୍ଚନା କରାଯାଇ ମା’ ତାରାତାରିଣୀ ଦୁଇ ଭଉଣୀଙ୍କୁ ଆଦିଶକ୍ତି ବେଶରେ ସଜ୍ଜିତ କରାଯାଇଥିଲା। ସକାଳ ୬.୩୦ରେ ସାହାଣ ମେଲା ହୋଇ ମା’ ତାରାତାରିଣୀ ଆଦିଶକ୍ତି ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏଥିସହ ଭୋର ୪.୩୦ରୁ ମୁଣ୍ଡନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭକ୍ତମାନେ ପାହାଡ଼ ପାଦଦେଶ ମୁଣ୍ଡନ ଶାଳାରେ ନିଜ ନିଜର ଶିଶୁଙ୍କୁ ମୁଣ୍ଡନ କରାଇ କେହି ୯୯୯ ପାହାଚ ଚଢି ତ ଆଉକେହି ବସ ଓ ରୋପୱେ ମାଧ୍ୟମରେ ପାହାଡ ଉପର ମନ୍ଦିରକୁ ଯାଇ ମା’ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। କିଭଳି ଶାନ୍ତି ଶୃଙ୍ଖଳାର ସହ ମା’ଙ୍କ ଚୈତ୍ର ଯାତ୍ରା ଶେଷ ହେବ ସେ ନେଇ ଦେବୋତ୍ତର ବିଭାଗ ଓ ଜିଲା ପ୍ରଶାସନ, ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭକ୍ତମାନଙ୍କ ନିମନ୍ତେ ପାନୀୟ ଜଳର ବ୍ୟବସ୍ଥା, ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍‌ର ବ୍ୟବସ୍ଥା ସହ ପାହାଡ ଉପରକୁ ଯାଇ ମା’ଙ୍କୁ ଦର୍ଶନ କରିବାକୁ ୨୦ରୁ ଅଧିକ ସିଟି ବସର ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନଙ୍କୁ ଯେଭଳି କୌଣସି ଅସୁବିଧା ନ ହୁଏ ସେଥିପାଇଁ ପୁରୁଷୋତ୍ତମପୁ ଏସ୍‌ଡିପିଓ ରଜନୀକାନ୍ତ ସାମଲଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ୧୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଚଳିତ ମାସରେ ୫ଟି ମଙ୍ଗଳବାର ପଡିଥିବା ଯୋଗୁ ମା’ଙ୍କ ପୂଜା ମଧ୍ୟ ବେଶ୍ ଆଡ଼ମ୍ବର ସହକାରେ ପାଳନ ହୋଇଥିଲା।

# ବର୍ଷାଙ୍କୁ ଜିତାଇବାକୁ ପ୍ରଣବଙ୍କ ନିବେଦନ




ଶଙ୍ଖ ଭବନକୁ ଆସିଥିବା ବଡ଼ଚଣାର ନେତା ଓ କର୍ମୀମାନେ।

**ଚଣ୍ଡିଖୋଲ/ବଡ଼ଚଣା,୨୩।୪(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):** ଯାଜପୁର ଜିଲା ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ପ୍ରାର୍ଥୀ କରିଛି। ରାଜନୀତି କ୍ଷେତ୍ରରେ ସମ୍ପୂର୍ଣ୍ଣ ନୂଆ ହୋଇଥିବା ବର୍ଷାଙ୍କ ନିର୍ବାଚନ ଲଢ଼ିବା କଷ୍ଟକର। ସେଥିପାଇଁ ମଙ୍ଗଳବାର ବଡ଼ଚଣା ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକର୍ତ୍ତା, ଜିଲା ପରିଷଦ ସଭ୍ୟ ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଶଙ୍ଖଭବନକୁ ଡାକି ବର୍ଷାଙ୍କୁ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦେଇ ସମସ୍ତ ଦଳୀୟ ପଦାଧିକାରୀଙ୍କୁ ଗୁରୁମନ୍ତ୍ର ଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିଛନ୍ତି। ତାଙ୍କୁ ସମସ୍ତେ ମିଳିମିଶି ବିପୁଳ ଭୋଟରେ ବିଜୟୀ କରିବା ପାଇଁ ଚେଷ୍ଟା କରନ୍ତୁ। ଆଗାମୀ ଦିନରେ ନିଜେ ମୁଖ୍ୟମନ୍ତ୍ରୀ ଓ ସାଙ୍ଗଠନିକ ସମ୍ପାଦକ ବଡ଼ଚଣାର ଦାୟିତ୍ୱ ନେବେ। ତେଣୁ ବର୍ଷାଙ୍କୁ ବିଜୟୀ କରିବାକୁ ସେ ନିବେଦନ କରିଛନ୍ତି। ଆସନ୍ତା ୨୬ ତାରିଖ ଶୁକ୍ରବାର ବର୍ଷା ପ୍ରଥମ କରି ବଡ଼ଚଣା ଆସିବେ। ତାଙ୍କୁ ସ୍ୱାଗତ କରିବା ପାଇଁ ଦଳ ପକ୍ଷରୁ ଜୋରଦାର ପ୍ରସ୍ତୁତି କରିବାକୁ ପ୍ରଣବ କହିଛନ୍ତି। ବଡ଼ଚଣା ବିଜେଡିର ୩ ଗୋଷ୍ଠୀର ବହୁ ନେତୃତ୍ୱ ଏହି ବୈଠକରେ ସାମିଲହୋଇଥିଲାବେଳେ ବିଧାୟକ ଅମର ପ୍ରସାଦ ଶତପଥୀ ଅନୁପସ୍ଥିତ ଥିଲେ। ବୈଠକ ପରେ ବିଧାୟକ ଶତପଥୀ ନବୀନ ନିବାସ ଯାଇ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି।

- ଶଙ୍ଖ ଭବନରେ ବଡ଼ଚଣା ବିଜେଡି ନେତା
- ୨୬ରେ ବଡ଼ଚଣା ଆସିବେ ବର୍ଷା ପ୍ରିୟଦର୍ଶିନୀ

ଯାଜପୁର ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ଅଶୋକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାର୍ଥିନୀ ବର୍ଷା, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ରାଜ୍ୟ ସମ୍ପାଦକ ଜନ୍ମେଜୟ ଲେଙ୍କା, କ୍ୟାପଟେନ ରାଜନାରାୟଣ ମହାପାତ୍ର, ବ୍ଲକ୍ ଅଧ୍ୟକ୍ଷା ମିନତି ସେନାପତି, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନନ୍ଦ, କୈଳାସ ଚନ୍ଦ୍ର ରାଉତ, ଇତିଶ୍ରୀ ସାମଲ, ଶୁକ୍ରମଣୀ ପୂର୍ତ୍ତି, ବିଜେଡି ବ୍ଲକ ସଭାପତି ଅରବିନ୍ଦ ସାମଲ, ସରପଞ୍ଚ ରଞ୍ଜନ ଦାସ, ସାଗରିକା ବିହାରୀ, ଅବଦୁଲ ଗନି, ଆଶିଷ ରଞ୍ଜନ ଚୌଧୁରୀ, ପ୍ରବୀର କୁମାର ସାମଲ, ପ୍ରମିଳା ଜେନା, ପୁଷ୍ପଲତା ନାଥ, ପୂଜାରିଣୀ ବଳ, ରଞ୍ଜନ ବଳ, ଧନେଶ୍ୱର ବେହେରା, ଦିଲୀପ ସାମଲ ଓ ଜ୍ଞାନରଞ୍ଜନ ସାହୁ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ବର୍ଷା ବଡ଼ଚଣାର ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇଥିଲେ। ବଡ଼ଚଣାର ନେତୃତ୍ୱମାନେ ମଧ୍ୟ ବର୍ଷାଙ୍କ ସମେତ ଉପସ୍ଥିତ ସମସ୍ତ ନେତୃବୃନ୍ଦଙ୍କୁ ସ୍ୱାଗତସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବିଶ୍ୱରଞ୍ଜନ



ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି ବରୀ ବିଜେଡି ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ।

**ବରୀ,୨୩।୪(ମହେନ୍ଦ୍ର ସ୍ୱାଇଁ):** ବରୀ ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ମଙ୍ଗଳବାର ନବୀନ ନିବାସ ଯାଇ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କୁ ଟିକେଟ ଦେଇଥିବାରୁ ସେ କୃତଜ୍ଞ ବୋଲି କହିଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ବିଶ୍ୱରଞ୍ଜନ ଭାଜପାରୁ ଲଢ଼ି ପରାଜିତ ହୋଇଥିଲେ। ଏହାପରେ ବିଜେଡିରେ ଯୋଗଦେଇ ରାଜ୍ୟ ସାଧାରଣ ସମ୍ପାଦକ ହୋଇଥିଲେ।

# ଭାଜପାରେ ମିଶିଥିବା କର୍ମୀ ବିଜେଡିକୁ ଫେରିଲେ

**ବିଞ୍ଝାରପୁର,୨୩।୪(ରାମକୃଷ୍ଣ ଦାସ):** ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଞ୍ଝାରପୁରରେ ଏଥର ୩ ପ୍ରମୁଖ ରାଜନୈତିକ ଦଳ ନିଜର ରଣନୀତି ସୁଦୃଢ଼ କରୁଛନ୍ତି। ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ବବିତା ମଲ୍ଲିକ ୧୫ ଦିନ ପୂର୍ବରୁ ବିଜେଡି ନେତ୍ରୀ ତଥା ବିଧାୟିକା ପ୍ରାର୍ଥୀ ପ୍ରମିଳା ମଲ୍ଲିକଙ୍କ ନିଜ ପଞ୍ଚାୟତ ମାଁସଡାରୁ କେତେଜଣ ବିଜେଡି କର୍ମୀଙ୍କୁ ଆଣି ଭାଜପାରେ ସାମିଲ କରିଥିଲେ। ଏହା ପ୍ରମିଳାଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବାବେଳେ ମଙ୍ଗଳବାର ପୁଣି ସମ୍ପୃକ୍ତ ବ୍ୟକ୍ତିମାନେ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ବିଜେଡିରେ ସାମିଲ ହୋଇଛନ୍ତି।

**୧୫ ଦିନରେ ଦଳବଦଳ**

ମାତ୍ର ୧୫ ଦିନ ମଧ୍ୟରେ ବିଜେଡି ଛାଡି ଭାଜପାକୁ ଯାଇଥିବା କର୍ମୀମାନଙ୍କୁ ପ୍ରମିଳା ଦଳକୁ ଫେରାଇ ନିଜର ପତିଆରା ସାବ୍ୟସ୍ତ କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ଛାଡି ଭାଜପାକୁ ଆସୁଥିବା କର୍ମୀମାନଙ୍କୁ ଭାଜପା ସଂଗଠକ ନିରଞ୍ଜନ ବେଉରିଆ ସମ୍ଭାଳି ପାରୁ ନ ଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ମାଁସଡ଼ା ଗୌଡ଼ସାହି ଅଞ୍ଚଳର ବିଜେଡି ସମର୍ଥକ ଅକ୍ଷୟ କୁମାର ବେହେରା, ପ୍ରଦୀପ ସ୍ୱାଇଁ, ପ୍ରମୋଦ ସେଠୀ, ନିରଞ୍ଜନ ନାଥ, ଅକ୍ଷୟ ଜେନା, ଶିବପ୍ରସାଦ ମିଶ୍ର, ବିଶ୍ୱଜିତ୍ ବେଉରିଆ, ଗୋବିନ୍ଦ ସାହୁ, ରଞ୍ଜିତ୍ ଜେନା, ବାବୁଲି ଜେନା, ବ୍ରଜକିଶୋର ପଣ୍ଡା, ଅଜୟ ବେହେରା, ଅକ୍ଷୟ ସାହୁ, ବବୁଲ ମିଶ୍ର, ବାଦଲ ବେହେରା ଓ ଶ୍ରୀଧର ଦାସ ପ୍ରମୁଖ ବିଜେଡି ଛାଡି ଭାଜପାରେ ବବିତା ମଲ୍ଲିକଙ୍କ ନେତୃତ୍ୱରେ ଯୋଗଦେଇଥିଲେ। ପ୍ରମିଳାଙ୍କ ବାସଭବନରେ ମଙ୍ଗଳବାର ସନ୍ଧ୍ୟାରେ ଅକ୍ଷୟ ବେହେରାଙ୍କ ସମେତ ସମସ୍ତ କର୍ମୀ ପହଞ୍ଚି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଥିଲେ। ଭାଜପା ନୁହେଁ ବରଂ ବିଞ୍ଝାରପୁରରେ ବିଜେଡି ଓ ପ୍ରମିଳାଙ୍କ ନେତୃତ୍ୱରେ ବିକାଶ ଆଗକୁ ତ୍ୱରାନ୍ୱିତ ହୋଇପାରିବ ବୋଲି ସେମାନେ ପ୍ରକାଶ କରିଥିଲେ।



ବିଜେଡିକୁ ଫେରିଥିବା କର୍ମୀଙ୍କୁ ସ୍ୱାଗତ କରାଯାଉଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିକାଶ



@ ବିଶ୍ୱଜିତ୍



@ ହୃଷୀକେଶ



@ ଜୀବନଜ୍ୟୋତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନଦୀରେ ଭୋଟଦାନର ସଚେତନତା ବାର୍ତ୍ତା

**ପଟ୍ଟାମୁଣ୍ଡାଇ,୨୩।୪(କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ସାଧାରଣ ନିର୍ବାଚନମଣ୍ଡଳୀର ଭୋଟ ଦେବାକୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଜିଲାରେ ଜୁନ ୧ରେ ନିର୍ବାଚନ ହେବ। ଜିଲାର ପ୍ରତ୍ୟେକ ବ୍ୟକ୍ତି ଯେଭଳି ଭୋଟ ଦେଇପାରିବେ ସେଥିପାଇଁ ସଚେତନତା ସୃଷ୍ଟି କରାଯାଇଛି। ମତଦାନ କେନ୍ଦ୍ରକୁ ଯାଇ ନିଜେ ଭୋଟ ଦେବା ସହ ଅନ୍ୟମାନେ କିଭଳି ଦେବେ ସେଥିପାଇଁ ଅନୁରୋଧ କରିବାକୁ ଭାରତୀୟ ଗଣତନ୍ତ୍ର ଏକ ସୁସ୍ଥ ଓ ସମୃଦ୍ଧ ପରମ୍ପରା ଗଠନ ସହ ନିର୍ବାଚନରେ ସାମିଲ ହୋଇ ଶତପ୍ରତିଶତ ଭୋଟଦାନ କରିବାକୁ ଜିଲାବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି ଜିଲା ନିର୍ବାଚନ ଅଧିକାରୀ ଏବଂ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ। ମଙ୍ଗଳବାର ସ୍ୱିପ୍ (ସିଷ୍ଟମେଟିକ୍ ଭୋଟର୍ସ ଇଜୁକେସନ

**ବତିଘରରେ ଭୋଟ ଦାନ ଜାଗରଣ**

ଆଣ୍ଡ ଇଲେକ୍ଟୋରାଲ୍ ପାର୍ଟିସିପେସନ୍) କାର୍ଯ୍ୟକ୍ରମରେ ମହାକାଳପଡ଼ାର ବତିଘର, ରାମନଗର ଆଦି ଅଞ୍ଚଳର ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଜିଲାପାଳ ବିକାଶ କହିଛନ୍ତି, ନଦୀର ଜଳ ପରି ଭୋଟଦାନ ସଚେତନାର ବାର୍ତ୍ତା ବହିଯାଉ। ବତିଘର ପରି ଭୋଟଦାନ ଜାଗରଣକୁ ଜିଲାର ପ୍ରତିଟି ହୃଦୟରେ ଜଳି ଉଠୁ ଓ ଅନ୍ଧକାରକୁ ଦୂରୀଭୂତ କରି ଭୋଟଦାନ ଅଧିକାରକୁ ଜିଲାବାସୀ ସୁନିଶ୍ଚିତ କରନ୍ତୁ। ଖରନାସୀ ଓ ବାହାକୁଦ ଘାଟକୁ ଡଙ୍ଗାରେ ଅତିକ୍ରମ କରି ଘରକୁ ଘର ବୁଲି ସଚେତନାର ବାର୍ତ୍ତା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ବିକାଶ ଦେଇଛନ୍ତି। ଏହି ଅଞ୍ଚଳର ଅଧିକାଂଶ ଲୋକ ସାଧାରଣତଃ ପାରାଦୀପକୁ ରୋଜଗାର ଉଦ୍ଦେଶ୍ୟରେ ପ୍ରତିଦିନ ଯାଇଥାନ୍ତି। ମାତ୍ର ଜୁନ୍ ୧ରେ କାର୍ଯ୍ୟରୁ ବିରତ ରହି ଭୋଟଦାନ ଅଧିକାରକୁ ସୁନିଶ୍ଚିତ କରିବାକୁ ଜିଲା ନିର୍ବାଚନ ଅଧିକାରୀ ଆହ୍ୱାନ ଦେଇଥିଲେ। ବୁଥ୍ ସ୍ତରରେ ଲୋକଙ୍କୁ ସଚେତନ କରାଇବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ତଥା ରାଜନଗର ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, ପିଡି ରାଜେନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଉପଜିଲାପାଳ ତଥା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଫିସର୍ ଅଶୋକ କୁମାର ଦାସ, ସ୍ଥାନୀୟ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବିଡିଓ ସାଗର କୁମାର ନନ୍ଦ, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, ବ୍ଲକ ଓ ତହସିଲ କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।




ମହାକାଳପଡ଼ା ବ୍ଲକ ବତିଘରଠାରେ ଜିଲା ପ୍ରଶାସନ ଓ ପିଲାମାନଙ୍କ ପକ୍ଷରୁ ଭୋଟରମାନଙ୍କୁ ସଚେତନ କରାଯାଉଛି।

# ପ୍ରଶାନ୍ତଙ୍କ ପାଇଁ ଚିରଞ୍ଜୀବଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଜଗତ୍‌ସିଂହପୁର, ୨୩।୪ (ପ୍ରମୋଦ କୁମାର ନାୟକ)**

**ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ**

- ଆଜି ପୌର ପରିଷଦ ସମର୍ଥକଙ୍କ ସହ ଆଲୋଚନା
- ଫୁଲନଖରା ଫାର୍ମ ହାଉସ୍‌ରେ ହେବ ଦ୍ୱିତୀୟ ପର୍ଯ୍ୟାୟ ବୈଠକ
- ୧୯ ତାରିଖରେ ୨ ବ୍ଲକ ସମର୍ଥକଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ



କିଛି ଦିନ ହେଲା ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ରାଜନୀତି ଭିନ୍ନମୋଡ ନେଇଛି। ଏଥିମଧ୍ୟରେ ପାଖାପାଖି ୨୦ ଦିନ ହେବ ପ୍ରଶାନ୍ତ କୁମାର ମୁଦୁଲିଙ୍କୁ ଏହି ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିଲେ ସୁଦ୍ଧା ସେ ପ୍ରଚାର ଉପରେ ଗୁରୁତ୍ୱ ଦେଇନାହାନ୍ତି। ସେ ଦଳୀୟ ଅସନ୍ତୁଷ୍ଟ ନେତା ଓ ନୂଆକରି କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିବା ଚିରଞ୍ଜୀବ ବିଶ୍ୱାଳଙ୍କୁ ମନାଇବା ଉପରେ ପ୍ରାଧାନ୍ୟ ଦେଉଛନ୍ତି। ଚିରଞ୍ଜୀବ ମଧ୍ୟ ଏହା ଭିତରେ ଜଗତ୍‌ସିଂହପୁର ଓ ନାଉଗାଁ ବ୍ଲକ ଅଞ୍ଚଳର ସମର୍ଥକମାନଙ୍କୁ ଗତ ୧୯ ତାରିଖରେ କଟକ ଫୁଲନଖରାସ୍ଥିତ ତାଙ୍କ ଫାର୍ମ ହାଉସକୁ ଡାକି ସେଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ସେଥିରେ ସେ ପ୍ରତ୍ୟେକଙ୍କ ସହଯୋଗ କାମନା କରିବା ସହ ନବୀନ ପଟ୍ଟନାୟକଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ କରିବାକୁ ଅନୁରୋଧ କରିଥିଲେ।

ବୁଧବାର ପୂର୍ବାହ୍ନ ୧୧ଟାରେ ଜଗତ୍‌ସିଂହପୁର ପୌରାଞ୍ଚଳର ସମସ୍ତ କଂଗ୍ରେସ କାଉନସିଲର, କଂଗ୍ରେସ ଆଗଧାଡିଆ ନେତା ଓ କର୍ମୀଙ୍କୁ ଚିରଞ୍ଜୀବ ଫୁଲନଖରାସ୍ଥିତ ଫାର୍ମହାଉସକୁ ଡାକିଛନ୍ତି। ଏହି ବୈଠକରେ ସେ ବିଜେଡିକୁ ସଶକ୍ତ କରିବା ପାଇଁ ପୁନର୍ବାର ପ୍ରତ୍ୟେକଙ୍କ ସହଯୋଗ ଲୋଡ଼ିପାରନ୍ତି ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ଅନେକ କଂଗ୍ରେସ ନେତା ଓ କର୍ମୀ ଚିରଞ୍ଜୀବଙ୍କୁ ବିଜେଡି ଟିକେଟ ମିଳି ନ ଥିବାରୁ ଅସନ୍ତୁଷ୍ଟ ଅଛନ୍ତି। ସେମାନଙ୍କ ଭିତରୁ କେତେଜଣ ପ୍ରତିକ୍ରିୟାରେ କହିଛନ୍ତି,ଚିରଞ୍ଜୀବ ସେମାନଙ୍କୁ ମନାଇବାକୁ ଚେଷ୍ଟା କଲେ ମଧ୍ୟ ଶତପ୍ରତିଶତ ସଫଳ ହେବେନାହିଁ। ଚିରଞ୍ଜୀବଙ୍କ ଏହି ବୈଠକ ସାମ୍ପ୍ରତିକ ପରିସ୍ଥିତିରେ ଗୁରୁତ୍ୱ ବହନ କରୁଛି। କାରଣ ଅତୀତ କଥା ବଖାଣିଲେ ଜଣାଯାଏ, ୨୦୧୯ ନିର୍ବାଚନରେ ଯୁବନେତା ଅମରେନ୍ଦ୍ର ଦାସ ବିଜେଡିରୁ ଟିକେଟ ପାଇବା ପାଇଁ ଲବିରେ ଥିଲେ। କିନ୍ତୁ ତାଙ୍କ ସ୍ଥାନରେ ଏହି ଆସନରେ ପ୍ରଶାନ୍ତଙ୍କୁ ଟିକେଟ ମିଳିଥିଲା, ଯେଉଁ କାରଣରୁ ଅମରେନ୍ଦ୍ରଙ୍କ ଗୋଷ୍ଠୀ ପୋଡାଜଳା କରିବା ସହ ତୁମ୍ଭିତୋଫାନ କରିଥିଲେ। ଏପରିକି ନବୀନ ନିବାସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଅମରେନ୍ଦ୍ରଙ୍କୁ ଦଳ ଜିଲା ସଭାପତି ଓ ପରେ କାଜୁ ନିଗମ ଅଧ୍ୟକ୍ଷ ପଦ ମିଳିଥିଲା। ଏହାସତ୍ତ୍ୱେ ପ୍ରଶାନ୍ତଙ୍କ ସହ ତାଙ୍କର ଦୂରତ୍ୱ କମି ନ ଥିଲା। ପରେ ଦଳ ଜିଲା ସଭାପତି ଓ ନିଗମ ଅଧ୍ୟକ୍ଷ ପଦ ପର୍ଯ୍ୟାୟକ୍ରମେ ଚାଲି ଯାଇଥିଲା। ଏହାସତ୍ତ୍ୱେ ଅମରେନ୍ଦ୍ର ନରମି ନ ଥିଲେ। ସେ ବିଜେଡିରେ ସକ୍ରିୟ ରହି ସମାନ୍ତରାଳ ସଙ୍ଗଠନ ଚଳାଇଥିଲେ। ୨୦୨୪ ନିର୍ବାଚନରେ ସେ ବିଜେଡି ଟିକେଟ ପାଇଁ ଆଶାୟୀ ଥିଲେ। କିନ୍ତୁ ଦଳ ପ୍ରଶାନ୍ତଙ୍କ ଉପରେ ପୁଣିଥରେ ଆସ୍ଥା ପ୍ରକଟ କରିଥିଲା। ଯେଉଁ କାରଣରୁ ଅମରେନ୍ଦ୍ର ଦଳ ଛାଡି ଭାଜପାରେ ଯୋଗ ଦେବା ସହ ପ୍ରାର୍ଥୀ ହୋଇଛନ୍ତି। ସେ ଏହି ନିର୍ବାଚନ ମଣ୍ଡଳୀର ଯୁବ ଚେହେରା ସାଙ୍ଗକୁ ନୂଆ ମୁହଁ ହୋଇଥିବାରୁ ଚର୍ଚ୍ଚାରେ ରହିଛନ୍ତି। ଏଥିରେ ପ୍ରଶାନ୍ତ ଏକପ୍ରକାର ବିବ୍ରତ ଥିବା ପରି ଜଣାପଡୁଛି। କାରଣ ବିଜେଡିର ସିଂହଭାଗ ଭୋଟ ପ୍ରଭାବିତ ହେବା ସମ୍ଭାବନା ରହିଛି। ତାଙ୍କ ଉପରେ କ୍ଷୋଭ ଓ ବିଜେଡିରେ ଅନ୍ତଦ୍ୱନ୍ଦ୍ୱ ଏଭଳି ପରିବେଶ ସୃଷ୍ଟି କରିଥିବା କୁହାଯାଉଛି। ସେହିପରି କଂଗ୍ରେସର ନେତୃତ୍ୱ ସଙ୍କଟ କାରଣରୁ ଏହି ଦଳର ଭୋଟ ପ୍ରଭାବିତ ହେବା ସ୍ପଷ୍ଟ ବାରି ହୋଇ ପଡୁଛି। ଆଉ ଏହି ଭୋଟକୁ ହାତେଇବା କ୍ଷେତ୍ରରେ ଭାଜପା ସହ ବିଜେଡି ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ସୁଦ୍ଧା ବାସ୍ତବ ଚିତ୍ର କ'ଣ ରହିବ ତାହା ଏବେଠୁ ଆକଳନ କରିବା ସହଜ ନୁହେଁ। ତେବେ ଏ ପରିସ୍ଥିତିରେ ଚିରଞ୍ଜୀବଙ୍କ ଭୂମିକା ପ୍ରଶାନ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ସେ ଦୃଷ୍ଟିରୁ ପ୍ରଶାନ୍ତ ନିର୍ବାଚନମଣ୍ଡଳୀରେ ପ୍ରଚାର କରିବା ଅପେକ୍ଷା ଚିରଞ୍ଜୀବଙ୍କୁ ଅସ୍ତ୍ର କରିବାକୁ ଉଦ୍ୟମ କରୁଛନ୍ତି।

ଗତ ୧୯ ତାରିଖରେ ଚିରଞ୍ଜୀବ କରିଥିବା ବୈଠକରେ କେତେଜଣ କର୍ମୀ ତାଙ୍କୁ ଟିକେଟ୍ ନ ମିଳିଥିବାରୁ ଅସନ୍ତୋଷବ୍ୟକ୍ତ କରିଥିଲେ। ସେମାନେ କହିଥିଲେ, ଯେଉଁ ବିଜେଡି ତାଙ୍କ ନେତାଙ୍କୁ ଟିକେଟ ଦେଲାନି ସେଭଳି ଦଳ ପ୍ରତି ଆନୁଗତ୍ୟ ପ୍ରକାଶ କରିବା ଅସମ୍ଭବ। ଦୀର୍ଘ ବର୍ଷ ଧରି ବିଜେଡି ବିରୋଧରେ ଲଢ଼େଇ କରି ଏବେ ଏହି ଦଳ ନେତା ଓ କର୍ମୀଙ୍କ ପାଖରେ ଶରଣ ପଶିବା ସମ୍ଭବ ନୁହେଁ। ତେଣୁ ସେମାନଙ୍କ ବ୍ୟକ୍ତିଗତ ନିଷ୍ପତ୍ତିରେ ହସ୍ତକ୍ଷେପ ନ କରିବାକୁ କେତେଜଣ ରୋକଠୋକ୍ ମନା କରିଦେଇଥିଲେ। ଏପରି କି ଅଧିକାଂଶ ଚିରଞ୍ଜୀବଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବାରୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ବୈଠକ ଖୁବ କମ୍ ସମୟ ମଧ୍ୟରେ ସରିଯାଇଥିଲା। ବୁଧବାର ବୈଠକରେ କ'ଣ ହେଉଛି ତାହା ଦେଖିବା ବାକି ରହିଲା।

# ଆଦିବାସୀ ନିର୍ମାଣ କଲେ ଜଙ୍ଗଲରେ ଅସ୍ଥାୟୀ ରାସ୍ତା

- ପ୍ରଶାସନ, ରାଜନେତାଙ୍କୁ ଫେରାଦ ପରେ ମିଳି ନ ଥିଲା ସୁଫଳ
- ଗାଁକୁ ଯାଇ ପାରୁନି ଆମ୍ବୁଲାନ୍ସ କି ବାଇକ୍
- ଦୋଳାରେ ଗୁରୁତର ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିଲେ

ନୟାଗଡ଼/ରଣପୁର,୨୩।୪(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ରାସ୍ତା ପାଇଁ ଆଦିବାସୀମାନେ ପ୍ରଶାସନ ଓ ରାଜନେତାଙ୍କୁ ବାରମ୍ବାର ଅଭିଯୋଗ କରି ଥକି ପଡିଥିଲେ। ହେଲେ ଗାଁକୁ ସବୁଦିନିଆ ରାସ୍ତା ହୋଇ ପାରିଲା ନାହିଁ। ନୟାଗଡ଼ ଜିଲା ରଣପୁର ବ୍ଲକ୍ ବନ୍ଧମୁଣ୍ଡା ପଞ୍ଚାୟତ ଡିମିରିବାଡ଼ି ଗାଁର ଆଦିବାସୀ ମହିଳା ଓ ପୁରୁଷ ଏକାଠି ହୋଇ ମଙ୍ଗଳବାର ନିର୍ମାଣ କରିଛନ୍ତି ରାସ୍ତା। ନବନିର୍ମିତ ରାସ୍ତାରେ ଏବେ ବାଇକ୍ ଚଳାଚଳ କରିପାରିବ। ନିଜ ପାଇଁ ନିଜେ ରାସ୍ତା ନିର୍ମାଣ କରି ପ୍ରଶାସନ ଓ ରାଜନେତାଙ୍କୁ ଦେଖାଇଦେଲେ ଗାଁ ଲୋକ ଏକାଠି ହେଲେ ଅସମ୍ଭବ କାର୍ଯ୍ୟକୁ ମଧ୍ୟ ସମ୍ଭବ କରିପାରିବେ। ଡିମିରିଝରୀ ଗାଁର ଗୁରୁତର ରୋଗୀଙ୍କୁ ଦୋଳାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପଡୁଥିଲା। ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁ ନ ଥିଲା। ଏପରି କି ବାଇକ୍ଟି ବି ଗାଁକୁ ଯାତାୟତ କରି ପାରୁ ନ ଥିଲା ।

ଅଭିଯୋଗ ଅନୁଯାୟୀ, ଶଙ୍ଖଯୋଡ଼ିଠାରୁ ପଞ୍ଚାୟତ କାର୍ଯ୍ୟାଳୟ ବନ୍ଧମୁଣ୍ଡା ଗାଁକୁ ରାସ୍ତା ଅଛି। ତେବେ ଶଙ୍ଖଯୋଡ଼ିଠାରୁ ଡିମିରିବାରି ଗାଁକୁ ରାସ୍ତା ନାହିଁ। ମାତ୍ର ୩ କି.ମି.ରାସ୍ତା ନିର୍ମାଣ ନ ହେବାରୁ ଡିମିରିବାରି ଗାଁରେ ୧୫ ପରିବାରର ୫୨ ଆଦିବାସୀ ଅଭିଶପ୍ତ ଜୀବନଯାପନ କରି ଆସୁଛନ୍ତି। ଜଙ୍ଗଲରେ ଡିମିରିବାଡ଼ି ଗାଁ ରହିଥିବାରୁ ସବୁ କ୍ଷେତ୍ରରେ ଡିମିରିବାରି ଗାଁ ଉପେକ୍ଷିତ ଓ ଅଣଦେଖା ହୋଇ ଆସୁଛି। ପୁଣି ଗାଁରେ ହାତୀ ଆତଙ୍କ ରହିଛି। ଡିମିରିବାରି ଗାଁକୁ ସବୁଦିନିଆ ରାସ୍ତା ପାଇଁ ସ୍ଥାନୀୟ ଲୋକମାନେ ରଣପୁର ବିଧାୟକ, ରଣପୁର ବିଡିଓ ଓ ବନ୍ଧମୁଣ୍ଡା ସରପଞ୍ଚଙ୍କୁ ବିଭିନ୍ନ ସମୟରେ ଫେରାଦ୍ ହୋଇଛନ୍ତି। ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳୁଥିଲା। ହେଲେ ଗାଁକୁ ସବୁ ଦିନିଆ ରାସ୍ତା ହୋଇ ପାରି ନ ଥିଲା। ସରକାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପରେ ଅନେକ ଯୋଜନାରେ ଗାଁକୁ ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ଡିମିରିବାରି ଗାଁକୁ ଅଣଦେଖା କରିବା ପରେ ଆଦିବାସୀ ଉଦ୍‌ବେଗ ଓ ଅସନ୍ତୋଷ ପ୍ରକାଶ କରି ଆସୁଥିଲେ। ଶେଷରେ ଗାଁ ସଭା ବସିଲା। ଗାଁ ଲୋକ ମିଳିତ ହୋଇ ରାସ୍ତା ନିର୍ମାଣ କରିବାକୁ ନିଷ୍ପତ୍ତି ନେଲେ। ମଙ୍ଗଳବାର ପୁରୁଷ ମହିଳା ଏକାଠି ହୋଇ ଗାଁ ରାସ୍ତା ନିର୍ମାଣ କଲେ।

ଏନେଇ ଡିମିରିବାରି ଗାଁର ଶିବ ନାୟକ ଓ ପ୍ରସନ୍ନ ପ୍ରଧାନ କୁହନ୍ତି, ଦେଶ ସ୍ୱାଧୀନ ହେବାର ୭୭ ବର୍ଷ ପରେ ଆମ୍ଭ ଗାଁକୁ ରାସ୍ତା ନାହିଁ। ଡିଜିଟାଲ ଯୁଗରେ ରାସ୍ତା ନ ଥିବା କହିଲେ କେହି ବିଶ୍ୱାସ କରୁ ନାହାନ୍ତି। ଗାଁକୁ ରାସ୍ତା ପାଇଁ ବାରମ୍ବାର ଅଭିଯୋଗ ପରେ ୩ କି.ମି.ରୁ ମାତ୍ର ୨୦୦ କି.ମି.ରାସ୍ତା ହେଲା। ତାହା ପୁଣି ୪ରୁ ୫ ବର୍ଷ ତଳେ। ସଂପୃକ୍ତ ରାସ୍ତା ପୁଣି ନଷ୍ଟ ହୋଇଗଲା। ଏହା କି ପ୍ରକାରର ବିକାଶ ବୋଲି କ୍ଷୋଭ ପ୍ରକାଶ କରି ସେ କହିଲେ ଆମ୍ଭେ କ'ଣ ଓଡିଶାର ଲୋକ ନୁହଁ। ଆମ୍ଭକୁ କାହିଁକି ଏପରି ହଇରାଣ କରାଯାଉଛି। ଏଣୁ ଆମେ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରିଛୁ। ଅହଲ୍ୟ ପ୍ରଧାନ ଓ ସୀତା ପ୍ରଧାନ କୁହନ୍ତି, ଆମର ଅନେକ ଅସୁବିଧା ଅଛି। ବଣମୂଳକରେ ବସବାସ କରୁଥିବାରୁ ଆମକୁ ଠକେଇ କରାଯାଉଛି। ଭୋଟ ସମୟରେ ଭୋଟ ମାଗୁଛନ୍ତି। ଏବେ ଭୋଟ ଋତୁ ଯୋଗୁ ପୁଣି ଭୋଟ ମାଗିଲେଣି। ହେଲେ ଆମ୍ଭ ଗାଁର ୩ କି.ମି. ରାସ୍ତା ନିର୍ମାଣ କଲେ ନାହିଁ। ଶେଷରେ ଆମେ ଏକାଠି ହୋଇ ରାସ୍ତା ନିର୍ମାଣ କରିଛୁ। ଆମ ରାସ୍ତା ନିର୍ମାଣକୁ ଦେଖି ସରକାର ଏହାକୁ ପକ୍କା ସଡ଼କ କରାନ୍ତୁ ବୋଲି ସେମାନେ ଦାବି କରିଛନ୍ତି।


ଆଦିବାସୀମାନେ ଜଙ୍ଗଲ ଭିତରେ ରାସ୍ତା ନିର୍ମାଣ କରୁଛନ୍ତି।

# ଶ୍ରୀରଘୁନାଥ ବନବାସ ପାଇଁ ଦକ୍ଷିଣାଭିମୁଖୀ ହେଲେ

ଓଡ଼ଗାଁ ୨୩।୪ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁରେ ଅନୁଷ୍ଠିତ ହେଉଥିବା ୧୦ ଦିନବ୍ୟାପୀ ଶ୍ରୀରାମ ନବମୀ ଯାତ୍ରାର ମଙ୍ଗଳବାର ଷଷ୍ଠ ସନ୍ଧ୍ୟାରେ ପ୍ରଭୁ ବନବାସ ନିମନ୍ତେ ଦକ୍ଷିଣାଭିମୁଖି ହୋଇଛନ୍ତି। ପ୍ରଭୁ ଶ୍ରୀରାମ ଅନୁଜ ଲକ୍ଷ୍ମଣ ଓ ଜାନକୀଙ୍କ ସହିତ ପିତୃସତ୍ୟ ପାଳନ ପୂର୍ବକ ବନଗମନ କରୁଥିବା ଦୃଶ୍ୟରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି।

ଉଲେଖଯୋଗ୍ୟ, ବର୍ଷ ତମାମ ପୂର୍ବାଭିମୁଖି ହୋଇ ଦର୍ଶନ ଦେଉଥିବା ବେଳେ ବର୍ଷକୁ ଥରେ କେବଳ ବନବାସ ନିମନ୍ତେ ବନଗମନ ସମୟରେ ଦକ୍ଷିଣାଭିମୁଖ୍ୟ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାଆନ୍ତି ଶ୍ରୀଜୀଉ। ଋଷି ବିଶ୍ୱାମିତ୍ରଙ୍କ ନିର୍ଦ୍ଦେଶ କ୍ରମେ ପ୍ରଭୁ ଶ୍ରୀରାମ ମୁନି ଋଷିଙ୍କ ଜାଗ ରକ୍ଷା ନିମନ୍ତେ ବନ ମଧ୍ୟରେ ଅସୁୟାମାନଙ୍କୁ ବଧ କରିଥିଲେ। ସୀତାଙ୍କ ସ୍ୱୟମ୍ବର ଯିବା ରାସ୍ତାରେ ଅହଲ୍ୟା ଉଦ୍ଧାରଣ ସହିତ ବିଜ୍ଞାନୀ କୈବର୍ତ୍ତ ଦ୍ୱାରା ପାଦ ଧୌତ କରିବାପରେ ନାବରେ ବସିବା ସହିତ କାଳ କାଳକୁ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସମ୍ପର୍କକୁ ଲିପିବଦ୍ଧ କରିଥିଲେ। ଏହା ସହିତ ମିଥିଳାପୁରୀରେ ବିବାହ କାର୍ଯ୍ୟ ସମ୍ପନ୍ନ କରି ଅଯୋଧ୍ୟା ଫେରିବା ପରେ ମହାରାଜା ଦଶରଥ ପ୍ରଭୁ ଶ୍ରୀରାମଙ୍କ ରାଜାଭିଷେକ ଘୋଷଣା କରିଥିଲେ। ହେଲେ ନିୟତିର ନିର୍ଦ୍ଦେଶାନୁସାରେ ପ୍ରଭୁଙ୍କ ପିତୃସତ୍ୟ ପାଳନ କରିବାକୁ ୧୪ ବର୍ଷ ବନବାସ ନିମନ୍ତେ ରାଜକୀୟ ପରିପାଟୀ ପରିତ୍ୟାଗ କରିବାକୁ ପଡିଛି। ପ୍ରଭୁ ଅନୁଜ ଲକ୍ଷ୍ମଣ ଓ ସୀତାଙ୍କ ସହିତ ହାତରେ ଧନୁତୀର ଧରି ବନବାସୀ ବେଶରେ ବନ ଗମନ କରୁଥିବା ଦୃଶ୍ୟ ଭକ୍ତଙ୍କ ଚକ୍ଷୁରେ ଅଶ୍ରୁପ୍ଲାବିତ କରିଥିଲା। ହେଲେ ବନବାସ କାଳରେ ହିଁ ପ୍ରଭୁଙ୍କ ଲୀଳା ରାମାୟଣର ସମସ୍ତ ପୃଷ୍ଠା ରଚନା କରିବାର ବାଲ୍ମୀକି ଋଷିଙ୍କୁ ସକ୍ଷମ କରିଥିଲା। ବିଗତ ଦିନ ସନ୍ଧ୍ୟା ବେଶ ଦର୍ଶନରେ ଭକ୍ତମାନେ ଶ୍ରୀଜୀଉଙ୍କ ବିବାହ ଉତ୍ସବରେ ବିହ୍ୱଳିତ ହେବା ସହିତ ଭୋଜିଭାତରେ ଆପ୍ୟାୟିତ ହୋଇଥିବା ବେଳେ ଏହି ସନ୍ଧ୍ୟା ଦର୍ଶନରେ ଭକ୍ତଙ୍କ ମନରୁ ସରସତ୍ତା ଲିଭି ଯାଇଥିଲା। ଏହାକୁ ଗୁପ୍ତ ଅଯୋଧ୍ୟା କୁହାଯାଇଥିବା ବେଳେ ଏହାହିଁ ପ୍ରତୀୟମାନ ହୋଇଥିଲା ଏବଂ ବାସ୍ତବ ଅଯୋଧ୍ୟାର ଭ୍ରମ ସୃଷ୍ଟି କରିଥିଲା। ସନ୍ଧ୍ୟା ଆଳତୀ ସହିତ ରାମାୟଣର କ୍ରମାନୁସାରେ ଦୈନିକ ପ୍ରଭୁଙ୍କ ସନ୍ଧ୍ୟା ବେଶ ଦର୍ଶନ ନିମନ୍ତେ ଅନେକ ଶ୍ରଦ୍ଧାଳୁ ସିଂହଦ୍ୱାର ଦେଇ ଧାଡିରେ ଦର୍ଶନ କରିବାକୁ ବନ୍ଦୋବସ୍ତ କରାଯାଇଛି। ଏଥିନିମନ୍ତେ ମନ୍ଦିର ଅଫିସରେ ମାଜିଷ୍ଟ୍ରେଟ ଉପସ୍ଥିତ ରହୁଥିବା ବେଳେ ଟ୍ରାଫିକ ନିୟନ୍ତ୍ରଣ ସହିତ ଲୋକଙ୍କ ସୁରକ୍ଷା ନିମନ୍ତେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର ସମସ୍ତ କାର୍ଯ୍ୟ ତଦାରଖ କରୁଥିବା ବେଳେ ପାଳିଆପଣ୍ଡା ସୁବେଦାର ବିଜୟ କୁମାର ଦାଶଙ୍କ ସହିତ ଶ୍ରୀଧର ଦାଶ ଓ ନାରାୟଣ ମହାପାତ୍ର ସୁଆର ସେବକ ପରିଷଦ ସଦସ୍ୟଙ୍କ ସହଯୋଗରେ ପୂଜାଦିକାର୍ଯ୍ୟ ସମାପନ କରିଥିଲେ। ବୁଧବାର ପ୍ରଭୁଙ୍କ ଚିତ୍ରକୂଟ ବେଶ ଅନୁଷ୍ଠିତ ହେବା ନିମନ୍ତେ କାର୍ଯ୍ୟସୂଚୀ ରହିଛି।


ବନଗମନ ବେଶରେ ଲକ୍ଷ୍ମଣ ଓ ସୀତାଙ୍କ ସହ ଶ୍ରୀରଘୁନାଥ।

# ବୀରାୟୁଧ ବଧ, ବେଢ଼ା ପରିକ୍ରମା

## ଲଙ୍କାପୋଡ଼ି ଯାତ୍ରାର ସପ୍ତମ ଦିବସ

ଦଶପଲ୍ଲା,୨୩।୪ (ପ୍ରକାଶ କୁମାର ପାଣି)

ଭାରତ ପ୍ରସିଦ୍ଧ, ସର୍ବପୁରାତନ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ଐତିହାସିକ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ମଙ୍ଗଳବାର ସପ୍ତମ ଦିବସ ପୂର୍ବାହ୍ନରେ ପ୍ରଭୁ ଶ୍ରୀରଘୁନାଥଙ୍କ ମନ୍ଦିରରେ ଅରଣ୍ୟକାଣ୍ଡର ଅୟମାରମ୍ଭ ହୋଇଛି। ପଞ୍ଚବଟୀ ଅବସ୍ଥାନ, ବୀରାୟୁଧ ବଧ, ବନ ଭ୍ରମଣ ଓ ବେଢା ପରିକ୍ରମା ନୀତି ପାରମ୍ପରିକ ରୀତିରେ ବୈଦିକ ବ୍ରାହ୍ମଣ ଓ ସେବାୟତମାନଙ୍କ ଦ୍ୱାରା ସମ୍ପର୍ଣ୍ଣ ହୋଇଥିଲା। ରାତିରେ ମୁଖ୍ୟ ମଞ୍ଚରେ ନିଷ୍ଠା, କାଷ୍ଠାରେ ରହିଥିବା ବ୍ରତଧାରୀ କଳାକାରମାନଙ୍କଦ୍ୱାରା ରାମଲୀଳା ପରିବେଷଣ କରାଯାଇଥିଲା। ପଞ୍ଚବଟୀ ପ୍ରବେଶ, ବନ ଭ୍ରମଣ, ଅଗସ୍ତିମୁନୀ ଆଶ୍ରମରେ ପ୍ରଭୂ ରାମଚନ୍ଦ୍ର ଅଗସ୍ତିମୁନୀଙ୍କୁ ଦର୍ଶନ , ଅଗସ୍ତିମୁନୀ ପ୍ରଭୁ ଶ୍ରୀରାମଙ୍କୁ ବ୍ରହ୍ମାସ୍ତ୍ର ଓ ଅକ୍ଷୟ ତୁଣୀ ପ୍ରଦାନ କରିଥିଲେ। ମୁନୀଙ୍କ ସ୍ତ୍ରୀ ଅନୁସୂୟା ମାତା ସୀତାଙ୍କୁ ଅମ୍ଳାନ ବସ୍ତ୍ର ପ୍ରଦାନ କରିଥିଲେ। ଏହାପରେ ପଞ୍ଚବଟୀରେ ବୀରାୟୁଧ ବଧ ଅଭିନୟ ନୀତି ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ଅନ୍ୟତମ ବିଶିଷ୍ଟ ଭକ୍ତକବି ବିକ୍ରମ ନରେନ୍ଦ୍ରଙ୍କ ରଚିତ ରାମଲୀଳା ପୋଥିଗୀତ ସାଙ୍ଗକୁ କେଇ ହଳ ଗିନି ଓ ପାରମ୍ପରିକ ବାଦ୍ୟଯନ୍ତ୍ରରେ ଏହି ଅଢେଇ ପାଦିଆ ନୀଳାଭିନୟ ଅନୁଷ୍ଠିତ ହୋଇଥିଲା।


ରାମ ଲକ୍ଷ୍ମଣ ବୀରାୟୁଧଙ୍କୁ ବଧ କରୁଛନ୍ତି।

# ପାରମ୍ପରିକ ରୀତିରେ ପାଳନହେଲା ଚଇତି ପର୍ବ

ଖଣ୍ଡପଡ଼ା,୨୩।୪ (ଅଜୟ କୁମାର ମହାରଣା)

କୈବର୍ତ୍ତ ସମ୍ପ୍ରଦାୟର ଆରାଧ୍ୟ ହେଉଛନ୍ତି ମା' ସିଦ୍ଧ ବାସୁଳୀ। ଘୋଡ଼ାନାଚ ବାସୁଳୀ ପୂଜାର ଅଂଶ ବିଶେଷ। ଆମ କଳା ସଂସ୍କୃତିକୁ ପରିପୁଷ୍ଟ କରିବା ଦିଗରେ ଘୋଡ଼ାନାଚର ବହୁ ଅବଦାନ ରହିଛି। ଚଇତ ଆସିଲେ ଏହି ଲୋକନାଟରେ ମୁଖରିତ ହୋଇଉଠେ ଓଡ଼ିଶାର ପୁରପଲ୍ଲୀ। କଣ୍ଟିଲୋ ଅଞ୍ଚଳ କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ମହାଆଡମ୍ବର ସହକାରେ ପାଳନ କରିଥାନ୍ତି ଏହି ପର୍ବକୁ। ବାସୁଳୀ ଅର୍ଥାତ୍ ଘୋଡ଼ାକୁ ଲୋକେ ପୂଜା କରିବା ପରେ ପାରମ୍ପରିକ ଘୋଡ଼ାନାଚ ମାଧ୍ୟମରେ ଏହି ପର୍ବର ମାହାତ୍ମ୍ୟ ପ୍ରଚାର କରିଥାଆନ୍ତି। ପ୍ରାଚୀନ କଳା ସଂସ୍କୃତିର ଏହି ଘୋଡ଼ାନାଚ ସମୟର ପରିବର୍ତ୍ତନ ଧାରାରେ ଏବେ ଅବକ୍ଷୟମୁଖୀ ହୋଇଛି ବୋଲି ଅଭିଯୋଗ ହୋଇଛି।

ମଙ୍ଗଳବାର ଚୈତ୍ର ପୂର୍ଣ୍ଣମୀ ତିଥିରେ ନିଖିଳ ଉତ୍କଳ କୈବର୍ତ୍ତ ସମାଜ ଯୁବ ପରିଷଦ ଓ କଣ୍ଟିଲୋ ଫକୀରଅତିବୁଦ୍ଧିପାଟଣା ଗ୍ରାମର କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ଗାଁ ମଧ୍ୟରେ ଥିବା ବରୁଣଦେବ ମନ୍ଦିରକୁ ଯାଇ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରିଥିଲେ। ସେହିପରି ସିଧାମୂଳା ତଳ କେଉଟ ସାହି ଓ କଣ୍ଟିଲୋ କଂସାରୀ ସାହି ପାଟଣା ଗ୍ରାମର କୈବର୍ତ୍ତମାନେ ଦାଣ୍ଡଦୁଆରେ ଏକ ଘୋଡ଼ା ମୁଣ୍ଡକୁ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ। ଶକ୍ତିରୂପିଣୀ ବାସୁଳୀଙ୍କ ପୂଜା ସହ ପାଳିତ ହୋଇଥାଏ ଏହି ସମ୍ପ୍ରଦାୟର କୌଳିକ ପର୍ବ ଚଇତି। ସବୁ ଲୋକନାଟକ ପରି ଘୋଡ଼ାନାଚ ତିନୋଟି ଭାବଧାରା ସହ ସଂଯୁକ୍ତ। ଘୋଡାନାଚ ଏକ ସାମ୍ପ୍ରଦାୟିକ ଲୋକନାଚ ଦୃଷ୍ଟିରୁ ଏହାର ଆଧ୍ୟାତ୍ମିକ ଭିତ୍ତି ସେହି ସମ୍ପ୍ରଦାୟ ମଧ୍ୟରେ ସୀମିତ। କିନ୍ତୁ ମନୋରଞ୍ଜନ ଦିଗଟି ସର୍ବଲୋକାଦୃତ। କାର୍ତ୍ତିକ ମାସ ପୂର୍ଣ୍ଣମୀରେ ସୋଲରେ ନିର୍ମିତ ଛୋଟ ଡଙ୍ଗାଟି ଯେମିତି ମନେପକାଇ ଦିଏ ସାଧବ ପୁଅ ତଥା ଗୋଟିଏ ଜାତିର ଗୌରବମୟ ଅତୀତକୁ , ସେହିପରି ଘୋଡ଼ାନାଚର ଲୌକିକତା ଅନ୍ତରାଳରେ ମୂର୍ତ୍ତିମନ୍ତ ହୋଇ ଉଠେ କୈବର୍ତ୍ତ ସମ୍ପ୍ରଦାୟର ଗୌରବମୟ ଅତୀତ ସ୍ମୃତିପଟ। 'କୈବର୍ତ୍ତମାନେ ଏକାଠି ହୋଇ ବାସୁଳୀଙ୍କ ପ୍ରତିକ ଅଶ୍ୱ ମୁଖାକୁ ସଜାଇ ଏକ ବେଦୀ ଉପରେ ରଖି ପୂଜା କରିବା ସମୟରେ ମା'ବାସୁଳୀଙ୍କୁ ଭୋଗ ମଧ୍ୟରେ ଫଳମୂଳ ସହିତ ଅଣ୍ଡା, ମାଛ ଓ କୁକୁଡାକୁ ବଳି ଦେଇଥିଲେ। ଅପରାହ୍ନ ପ୍ରାୟ ୨ଟା ସମୟରେ ଢୋଲବାଦ୍ୟ ତାଳେ ତାଳେ ବାସୁଳୀ(କାଷ୍ଠ ନିର୍ମିତ ଅଶ୍ୱ ମୁଣ୍ଡ)ଠାକୁରାଣୀଙ୍କୁ ଫୁଲମାଳରେ ସଜ୍ଜିତ କରି ବାଉଁଶରେ ନିର୍ମିତ ଘୋଡ଼ାକୁ ବେଶ କରି ଗ୍ରାମ ମଧ୍ୟରେ ପୂଜା ଓ ବନ୍ଦାଣ ପାଇଁ ବିଜେ କରାଯାଇଥିଲା। ଏହି ପର୍ବ ଚୈତ୍ର ପୂର୍ଣ୍ଣମୀଠାରୁ ୮ ଦିନ ବ୍ୟାପୀ ଅନୁଷ୍ଠିତ ହେବାର ପରମ୍ପରା ଥିଲେ ମଧ୍ୟ ଏଠାରେ ମାତ୍ର ୪ ଦିନ କାର୍ଯ୍ୟକ୍ରମ ପାଳନ କରାଯାଇଥାଏ।

ମଙ୍ଗଳବାର ଥିଲା ଚଇତି ପର୍ବର ପ୍ରଥମ ଦିବସ। ଏହି ଅବସରରେ ମା'ବାସୁଳୀଙ୍କୁ ଏକ ପାଟପଟୁଆରରେ ଗ୍ରାମ ପରିକ୍ରମା କରି ପ୍ରଥମେ ବାସୁଳୀ ରହୁଥିବା ମାନସ ଖଟୁଆଙ୍କ ଦୁଆରେ ପୂଜାର୍ଚ୍ଚନା କରାଯାଇ ଚାଟେରୀ ଖାଇଥିଲେ। ପରେ ବାସୁଳୀଙ୍କୁ ଗାଁ କୋଠ ଘରକୁ ବିଜେ କରାଯାଇଥିଲା। ସନ୍ଧ୍ୟାରେ ବାସେଳୀଙ୍କୁ ନୀଳମାଧବ ମନ୍ଦିର ସିଂହଦ୍ୱାରକୁ ବିଜେ କରାଯାଇ ପୂଜା କରାଯାଇଥିଲା। ଏହି ଅବସରରେ ମଙ୍ଗଳବାର ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଅନୁଷ୍ଠାନର ସଭାପତି ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି। ସେହିପରି କଂସାରୀ ସାହି ପାଟଣା ନିଆଳୀ କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ପାଟପଟୁଆରରେ ଠାକୁରାଣୀଙ୍କୁ ଗ୍ରାମ ପରିକ୍ରମା କରିବା ପରେ ମା'ବାସୁଳୀଙ୍କ ନିଜ କୋଠିକୁ ଆଣି ସ୍ଥାପନା କରାଯାଇଥିଲା।

ସୂଚନାଯୋଗ୍ୟ, ଏହି ପର୍ବରେ ଅଶ୍ୱକୁ ବେଶ କରାଯାଇ ଦ୍ୱାର ଦ୍ୱାର ବୁଲି ଭୋଗ ଖାଇଥାଆନ୍ତି। ଘୋଡା ସବାର ହୋଇଥିବା ବ୍ୟକ୍ତିଙ୍କୁ ରାଉତ କୁହାଯାଏ। ରାଉତଙ୍କ ୨ ସହଧର୍ମିଣୀ ଘୋଡାନାଚ ଢୋଲବାଦ୍ୟ ତାଳେ ତାଳେ ବାସୁଳୀ ଠାକୁରାଣୀଙ୍କ ମହିମା ସମ୍ପର୍କରେ ରାଉତଙ୍କ ପ୍ରଶ୍ନର ଉତ୍ତର ପାରମ୍ପରିକ ଗୀତ ମାଧ୍ୟମରେ ବର୍ଣ୍ଣନା କରିଥାଆନ୍ତି। ପୌରାଣିକ ଯୁଗରୁ ଏହି କୈବର୍ତ୍ତ ସମ୍ପ୍ରଦାୟ ବିଭିନ୍ନ ବୃତ୍ତି ଭିତ୍ତିରେ ନିଆଳି କୈବର୍ତ୍ତ, ଶିଉଳୀ କୈବର୍ତ୍ତ, ଜାଲିଆ କେଉଟ, ନାଉରୀ କେଉଟ ଚୁଡ଼ାକୁଟା କେଉଟ ଆଦି ଭାବେ ଆପଣା ବୃତ୍ତିରେ ଲିପ୍ତ। ଓଡ଼ିଶାର ଲୋକନାଟ୍ୟ ପରମ୍ପରାରେ ଚଇତି ଘୋଡ଼ାନାଚ ଅନ୍ୟତମ। ଏହାଦ୍ୱାରା ଆଧ୍ୟାତ୍ମିକତା, ଧର୍ମ, ଦର୍ଶନ, ଇତିହାସ ସର୍ବୋପରି ଗୋଟିଏ ଜାତିର ଜୀବନ ଗାଥା ପରିପ୍ରକାଶ ପାଇଥାଏ।


ଚଇତି ପର୍ବ ଅବସରରେ ଘୋଡ଼ା ମୁହଁକୁ ପୂଜାର୍ଚ୍ଚନା କରାଯାଉଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିକାଶ


@ ବିଶ୍ୱଜିତ୍


@ ହୃଷୀକେଶ


@ ଜୀବନଜ୍ୟୋତି


@ ମାନସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୟାଗଡ଼ ଟାଉନ ଥାନା ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ନୟାଗଡ଼,୨୩।୪(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ପକ୍ଷରୁ ଦୁର୍ଗାପ୍ରସାଦ, ସିନ୍ଦୁରିଆ, ନୟାଗଡ଼ ବଜାର, ପୁରୁଣା ସହର, ଝୁମ୍ପୁଡି, କଳାହାଣ୍ଡି ଓ ଚଣ୍ଡିବସ୍ତରେ ଫ୍ଲାଗମାର୍ଚ୍ଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନରେ ଆଇନଶୃଙ୍ଖଳା ପରିସ୍ଥିତିକୁ ବଜାୟ ରଖିବା ପାଇଁ ଆଗୁଆ ପଦକ୍ଷେପ ନିଆଯାଉଛି । ଏଥିରେ ଆଇଆରବିର ୩ ପ୍ଲାଟୁନ, ଜିଲା ପୋଲିସର ୧ ପ୍ଲାଟୁନ୍, ଟାଉନ ଥାନାର ୧ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ । ଟାଉନ ଥାନା ଆଇଆଇସି ରଶ୍ମି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଫ୍ଲାଗ୍‌ମାର୍ଚ୍ଚ ହୋଇଛି ।



